


ସକାଳ
THE SAKALA
# ସିନ୍ଦୂରା
ରବିବାର
ରବିବାର, ଅଗଷ୍ଟ ୨୩- ୨୯, ୨୦୨୬
www.sakalaepaper.com

ବର୍ତ୍ତମାନ ଇଣ୍ଟରନେଟ୍ ଓ ଟେକ୍ନୋଲୋଜି ମଣିଷ ଜୀବନ ଶୈଳୀର ଏକ ଅଂଶ ପାଲଟି ଯାଇଛି । ପ୍ରତିଟି କ୍ଷେତ୍ରରେ ଡିଜିଟାଲ୍ କାରବାର ବୃଦ୍ଧି ପାଇବାରେ ଲାଗିଛି । ଏବେ ଏଆଇ ବା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ମଣିଷର ଜୀବନ ଯାତ୍ରାକୁ ଅଧିକ ସହଜ କରିଦେଉଛି । ତେବେ ଟେକ୍ନୋଲୋଜିର ଅପବ୍ୟବହାର ମଣିଷକୁ ବିପଦ ଆଡ଼କୁ ଟାଣି ନେଉଛି । ଡିପ୍‌ଫେକ୍ ଟେକ୍ନୋଲୋଜିର ଦୁରୁପଯୋଗକୁ ନେଇ ଦିନକୁ ଦିନ ଚିନ୍ତା ବଢ଼ିବାରେ ଲାଗିଛି । ରାଜନେତା, ସେଲିବ୍ରିଟିଙ୍କ ଡିପ୍‌ଫେକ୍ ଫଟୋ, ଭିଡିଓ ଏବଂ କଣ୍ଠସ୍ୱର ସୋସିଆଲ୍ ମିଡିଆରେ ପୋଷ୍ଟକୁ ନେଇ ବିବାଦ ତେଜିବାରେ ଲାଗିଛି । ଫଳରେ ସାମାଜିକ ବିଶୃଙ୍ଖଳା, ଅପରାଧିକ କାର୍ଯ୍ୟକଳାପ, ସାଇବର ଠକେଇ ବଢ଼ିବାରେ ଲାଗିଛି । ଏହି ପରିପ୍ରେକ୍ଷୀରେ ଡିପ୍‌ଫେକ୍‌ର ସକାରାତ୍ମକ ଓ ନକାରାତ୍ମକ ଦିଗକୁ ନେଇ ଏଥର 'ସିନ୍ଦୂରା' ସ୍ୱତନ୍ତ୍ର ଉପସ୍ଥାପନା ।

ପ୍ରସ୍ତୁତି: 'ସକାଳ' ବ୍ୟୁରୋ




# ଡିପ୍‌ଫେକ୍‌ର ମାୟାଜାଲ

ଡିପ୍‌ଫେକ୍ ହେଉଛି ଏଆଇ ବା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର ଅନ୍ୟ ଏକ ରୂପ । ଏହାକୁ ବ୍ୟବହାର କରି ଭରସାଯୋଗ୍ୟ ନକଲି ଫଟୋ, ଭିଡିଓ ଏବଂ କଣ୍ଠ ସ୍ୱର ତିଆରି କରାଯାଇଥାଏ । 'ଡିପ୍‌ଫେକ୍' ଶବ୍ଦ 'ଡିପ୍ ଲର୍ଣ୍ଣିଂ' କନ୍‌ସେପ୍ଟରୁ ଆସିଛି । ଯେ କୌଣସି ଜିନିଷର ନକଲି ପ୍ରସ୍ତୁତ କରିବା ହେଉଛି ଏହାର ଉଦ୍ଦେଶ୍ୟ । ବିଶେଷ କରି ଖରାପ କାର୍ଯ୍ୟ ପାଇଁ ଡିପ୍‌ଫେକ୍ ଟେକ୍ନୋଲୋଜିର ବ୍ୟବହାର ଅଧିକ ପରିମାଣରେ କରାଯାଉଛି । ଭୁଲ ତଥ୍ୟ, ମିଥ୍ୟା ଖବର ପ୍ରଚାରପ୍ରସାର ତଥା ଗୁଜବ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏଭଳି କରାଯାଉଛି । ରାଜନେତା, ସେଲିବ୍ରିଟିମାନେ ଯାହା କହି ନଥାନ୍ତି ବା ଯାହା କରି ନଥାନ୍ତି ତାକୁ ଡିପ୍‌ଫେକ୍ ଟେକ୍ନୋଲୋଜିର ବ୍ୟବହାର କରି ଏହାର ଦୁରୁପଯୋଗ କରାଯାଇଥାଏ । ସେମାନଙ୍କୁ ବଦନାମ କରିବା ପାଇଁ ଏଭଳି ମିଥ୍ୟା ଖବର ପ୍ରସାରଣ କରାଯାଇଥାଏ ।

## ଡିପ୍‌ଫେକ୍ ଟେକ୍ନୋଲୋଜି

୨୦୧୭ ମସିହାରେ ପ୍ରଥମ ଥର 'ଡିପ୍‌ଫେକ୍' ଶବ୍ଦ ରେଡିଡ୍ ୟୁଜର୍ ଦ୍ୱାରା ସୃଷ୍ଟି ହୋଇଥିଲା । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଚେହେରାକୁ ସୁପର୍‌ଇମ୍ପୋଜ୍ କରି ଡିପ୍ ଲର୍ଣ୍ଣିଂ ଟେକ୍ନୋଲୋଜି ବ୍ୟବହାର କରି ଅଶ୍ଳୀଳ ଭିଡିଓ ତିଆରି କରାଯାଇଥିଲା । ୨୦୧୮ ମସିହା ପର୍ଯ୍ୟନ୍ତ ଏହି ଘଟଣାକୁ ନେଇ ଚହଳ ସୃଷ୍ଟି ହୋଇଥିଲା । ୨୦୨୦ ମସିହାରେ ଡିପ୍‌ଫେକ୍ ଅଧିକ ପରିଷ୍କୃତ ହୋଇଯାଇଥିଲା । ଡିପ୍‌ଫେକ୍ ଭିଡିଓକୁ ପୂରା ଅସଲି ଭିଡିଓ ଭଳି ତିଆରି କରାଯାଇଥାଏ । ପ୍ରକୃତରେ କେଉଁ ଭିଡିଓ ଅସଲି ଓ କେଉଁଟା ନକଲି ଚିହ୍ନିବା କଷ୍ଟକର ହୋଇପଡ଼ିଥାଏ । ପ୍ରଥମେ ଏହି ଟେକ୍ନୋଲୋଜିର ପ୍ରୟୋଗ କରାଯାଇ ମନୋରଞ୍ଜନ ଓ କଣ୍ଟେଣ୍ଟ କ୍ରିଏସନ୍ କରାଯାଉଥିଲା । ତେବେ ବର୍ତ୍ତମାନ ଏହା ଠକାମି, ଫେକ୍ ନ୍ୟୁଜ୍ ଓ ସାଇବର ଅପରାଧ ନିମନ୍ତେ ବ୍ୟବହାର କରାଯାଉଛି । ଅନେକ ଲୋକ ନକଲି ଭିଡିଓ ତିଆରି କରି ସୋସିଆଲ୍ ମିଡିଆରେ ଭାଇରାଲ୍ କରୁଛନ୍ତି । ଫଳରେ ଡିପ୍‌ଫେକ୍ ଭିଡିଓ, ଫଟୋ ଓ କଣ୍ଠସ୍ୱରକୁ ନେଇ ନାନା ପ୍ରକାର ଅପ୍ରୀତିକର ଘଟଣା ଘଟିବାରେ ଲାଗିଛି ।



**ବର୍ତ୍ତମାନ ହେଉଛି ଡିଜିଟାଲ୍‌ର ଦୁନିଆ । ବ୍ୟାଙ୍କିଂଠାରୁ ଆରମ୍ଭ କରି ପାଠପଢ଼ା, ଚାକିରି, ବ୍ୟବସାୟ, ସୋସିଆଲ୍ ମିଡିଆ ପର୍ଯ୍ୟନ୍ତ, ସବୁ କିଛି ଇଣ୍ଟରନେଟ୍ ଓ ଟେକ୍ନୋଲୋଜି ଉପରେ ନିର୍ଭରଶୀଳ । ଏଆଇ ବା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଆମର ଜୀବନ ଶୈଳୀକୁ ସହଜ ଓ ସ୍ୱାଭାବିକ କରିଦେଇଛି । ତେବେ ଟେକ୍ନୋଲୋଜିର ଅପବ୍ୟବହାର ବର୍ତ୍ତମାନ ଚିନ୍ତାର କାରଣ ପାଲଟିଛି । ଡିପ୍‌ଫେକ୍ ଓ ଏଆଇ ଠକେଇ ବୃଦ୍ଧି ପାଉଥିବାରୁ ଡିଜିଟାଲ୍ ଦୁନିଆକୁ ଆଜିକାଲି ସହଜରେ ଅନେକେ ବିଶ୍ୱାସକୁ ନେଇ ପାରୁନାହାନ୍ତି । ଡିପ୍‌ଫେକ୍‌କୁ ବ୍ୟବହାର କରି ରାଜନେତା, ସେଲିବ୍ରିଟି ବା ବିଶିଷ୍ଟ ବ୍ୟକ୍ତିଙ୍କ ଫଟୋ, ଭିଡିଓ ଓ କଣ୍ଠସ୍ୱରକୁ ନକଲ କରି ସୋସିଆଲ୍ ମିଡିଆରେ ପୋଷ୍ଟ କରିବାକୁ ନେଇ ଉତ୍ତେଜନା ବୃଦ୍ଧି ପାଇବାରେ ଲାଗିଛି । ଏହି ପରିପ୍ରେକ୍ଷୀରେ ଡିପ୍‌ଫେକ୍‌ର ବିଭିନ୍ନ ଦିଗକୁ ନେଇ ଏଇ ସ୍ୱତନ୍ତ୍ର ଉପସ୍ଥାପନା ।**

## ବ୍ୟଙ୍ଗାତ୍ମକ ଭାଷଣ

ଡିପ୍‌ଫେକ୍ ବ୍ୟବହାର କରି କୌଣସି ରାଜନେତା, ସେଲିବ୍ରିଟି ବା ବିଶିଷ୍ଟ ବ୍ୟକ୍ତିଙ୍କ ଭାଷଣକୁ ବିଦ୍ରୁପାତ୍ମକ ବା ବ୍ୟଙ୍ଗାତ୍ମକ ଶୈଳୀରେ ପରିବେଷଣ କରାଯାଇଥାଏ । ସାଧାରଣ ଜନତା ଭାବିଥାନ୍ତି ପ୍ରକୃତରେ ସେହି ବ୍ୟକ୍ତି ହିଁ ଏଭଳି ବ୍ୟଙ୍ଗାତ୍ମକ ଶୈଳୀରେ ଭାଷଣ ପ୍ରଦାନ କରିଛନ୍ତି । ଏଭଳି ଡିପ୍‌ଫେକ୍ ବ୍ୟଙ୍ଗାତ୍ମକ ଭାଷଣ ତିଆରି କରିବା ଅନୁଚିତ ।

## ରାଜନୀତି ଓ ସମାଜ ପାଇଁ ଆହ୍ୱାନ

ରାଜନୀତି ଓ ନିର୍ବାଚନ ପାଇଁ ଡିପ୍‌ଫେକ୍ ବିପଦର କାରଣ ହୋଇପାରେ । ନେତାମାନଙ୍କୁ ବଦନାମ କରିବା ପାଇଁ ଅନେକ ସମୟରେ ଡିପ୍‌ଫେକ୍ ଭିଡିଓ ତିଆରି କରି ଭାଇରାଲ୍ କରାଯାଇଥାଏ । କୌଣସି ନେତାଙ୍କ ନକଲି ଭାଷଣ ବା ନକଲି ଭିଡିଓ ତିଆରି କରି ଭୁଲ ତଥ୍ୟ ପ୍ରସାରଣ କରାଯାଇପାରେ । ନେତାମାନଙ୍କୁ ବଦନାମ କରିବା ପାଇଁ ସେମାନଙ୍କ ଭାଷଣର ଡିପ୍‌ଫେକ୍ ଭିଡିଓ ତିଆରି କରି ବିଭିନ୍ନ ସୋସିଆଲ୍ ମିଡିଆରେ ସେୟାର୍ କରାଯାଉଛି । ଏଥିରେ ସାଧାରଣ ଜନତା ଭ୍ରମିତ ହୋଇଥାଆନ୍ତି । ଏପରିକି ସାମାଜିକ ଉତ୍ତେଜନା ମଧ୍ୟ ବୃଦ୍ଧି ପାଇଥାଏ । ଭବିଷ୍ୟତରେ ଗଣତନ୍ତ୍ର ଓ ରାଷ୍ଟ୍ରୀୟ ସୁରକ୍ଷା ପାଇଁ ମଧ୍ୟ ଏହା ଏକ ବଡ଼ ଆହ୍ୱାନ ହୋଇପାରେ । ଅତୀତରେ ଆମେରିକାର ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ ଓ ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମାଙ୍କ ନକଲି ଭିଡିଓ ତିଆରି କରି ଇଣ୍ଟରନେଟ୍‌ରେ ପ୍ରସାରଣ କରାଯାଇଥିଲା । ନିର୍ବାଚନକୁ ପ୍ରଭାବିତ କରିବା ପାଇଁ ଏହାର ବ୍ୟବହାର କରାଯାଇପାରେ । ଅନେକ ସମୟରେ ଡିପ୍‌ଫେକ୍‌କୁ ବ୍ୟବହାର କରି ଭୁଲ ତଥ୍ୟ ପ୍ରଚାର କରାଯାଇଥାଏ ।



## ସେଲିବ୍ରିଟିଙ୍କ ଅଶ୍ଳୀଳ ଭିଡିଓ

ସବୁଠାରୁ ବଡ଼ ବିପଦ ହେଉଛି ଅଶ୍ଳୀଳ ଡିପ୍‌ଫେକ୍ ଭିଡିଓ ତିଆରି କରିବା । ଇଣ୍ଟରନେଟ୍‌ରେ ୯୬% ପ୍ରତିଶତ ଡିପ୍‌ଫେକ୍ ପ୍ରସ୍ତୁତ ଅଶ୍ଳୀଳ ଭିଡିଓ ଅପ୍‌ଲୋଡ୍ ହୋଇଥାଏ । ସେଥିମଧ୍ୟରୁ ଅଧିକାଂଶ ସେଲିବ୍ରିଟିଙ୍କୁ ଟାର୍ଗେଟ କରି ତିଆରି କରାଯାଇଥାଏ । ଡିପ୍‌ଫେକ୍ ଟେକ୍ନୋଲୋଜିର ବ୍ୟବହାର କରି ପ୍ରତିଶୋଧ ନେବା ପାଇଁ ଏଭଳି ନକଲି ଅଶ୍ଳୀଳ ଭିଡିଓ ତିଆରି କରାଯାଉଛି । ଏଭଳି ଅଶ୍ଳୀଳ ଭିଡିଓ ବ୍ୟକ୍ତିର ସମ୍ମାନହାନୀ କରିଥାଏ । କାରଣ ଡିପ୍‌ଫେକ୍ ସଂପର୍କରେ ଅଜ୍ଞ ଥିବା ଲୋକ ଏହାକୁ ସତ ବୋଲି ଗ୍ରହଣ କରି ନେଇଥାନ୍ତି ।

## ଡିଜିଟାଲ୍ ବିଶ୍ୱାସ ଉପରେ ବଡ଼ ପ୍ରଭାବ

ଏଆଇ ଠକେଇର ବିପଦ କେବଳ ଆର୍ଥିକ କ୍ଷତି ଭିତରେ ସୀମିତ ନୁହେଁ । ଏହା ସମାଜର ବିଶ୍ୱାସକୁ ଦୁର୍ବଳ କରିଦେଉଛି । ପୂର୍ବରୁ ଲୋକେ ଭିଡିଓ ଏବଂ ଅଡିଓକୁ ସତ୍ୟର ପ୍ରମାଣ ବୋଲି ଗ୍ରହଣ କରୁଥିଲେ । ତେବେ ବର୍ତ୍ତମାନ ଏସବୁ ଜିନିଷକୁ ନେଇ ସନ୍ଦେହ ହେଲାଣି । କୌଣସି ଭିଡିଓ ଭାଇରାଲ୍ ହେଲେ ମନରେ ସନ୍ଦେହ ହେଉଛି କ'ଣ ଏହା ଡିପ୍‌ଫେକ୍ ଭିଡିଓ ନୁହେଁ ତ? ତେଣୁ ଗଣମାଧ୍ୟମ, ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଏବଂ ଡିଜିଟାଲ୍ କଣ୍ଟେଣ୍ଟର ବିଶ୍ୱସନୀୟତା ଉପରେ ପ୍ରଭାବ ପଡୁଛି ।

## ଅପବ୍ୟବହାର

ଡିପ୍‌ଫେକ୍ ଟେକ୍ନୋଲୋଜିର ଅପବ୍ୟବହାର କରିବା ବେଆଇନ ଅଟେ । ବିନା ଅନୁମତିରେ କୌଣସି ବ୍ୟକ୍ତିଙ୍କ ଡିପ୍‌ଫେକ୍ ଭିଡିଓ, ଫଟୋ କିମ୍ବା କଣ୍ଠସ୍ୱର ତିଆରି କରିବା ଆଇନ ବିରୁଦ୍ଧ କାର୍ଯ୍ୟ । ଅନେକ ସମୟରେ ବିପଜ୍ଜନକ କାମ ପାଇଁ ଏହାର ବ୍ୟବହାର କରାଯାଉଛି । ଡିପ୍‌ଫେକ୍ ଟେକ୍ନୋଲୋଜି ବ୍ୟବହାର କରି ସାଇବର୍ ଅପରାଧୀମାନେ ବିଭିନ୍ନ ସ୍କାମ୍, ଠକେଇ କରୁଛନ୍ତି । ଏଭଳି କରିବା ଫଳରେ ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥାଗୁଡ଼ିକ ବଦନାମ ହେଉଛନ୍ତି । ସେମାନଙ୍କୁ ଅନେକ କ୍ଷତି ସହିବାକୁ ପଡୁଛି । କୌଣସି ସିନିୟର୍ ଅଫିସରଙ୍କ ନକଲି ଭିଡିଓ ତିଆରି କରି ଆର୍ଥିକ ଅନିୟମିତତା କରିବା ପାଇଁ ମଧ୍ୟ ବ୍ୟବହାର କରାଯାଉଛି । ତେବେ ଏହାର ଅପବ୍ୟବହାର ବେଆଇନ ଅଟେ ।

## ବ୍ୟାଙ୍କିଂ ଓ ଆର୍ଥିକ କ୍ଷେତ୍ର ପ୍ରଭାବିତ

ପୂର୍ବାପେକ୍ଷା ବର୍ତ୍ତମାନ ଏଆଇ ଆଧାରିତ ଠକେଇ ତୀବ୍ର ଗତିରେ ବୃଦ୍ଧି ପାଇବାରେ ଲାଗିଛି । ଏହା ଦ୍ୱାରା ବ୍ୟାଙ୍କିଂ ଓ ଆର୍ଥିକ କ୍ଷେତ୍ର ସବୁଠାରୁ ଅଧିକ ପ୍ରଭାବିତ ହେଉଛି । ଅପରାଧୀମାନେ ନକଲି କେୱାଇସି କାଗଜପତ୍ର, ନକଲି ଭିଡିଓ ଭେରିଫିକେସନ୍ ଏବଂ ଏଆଇ ତିଆରି କଣ୍ଠସ୍ୱର ବ୍ୟବହାର କରି ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟ ପର୍ଯ୍ୟନ୍ତ ପହଞ୍ଚି ଯାଉଛନ୍ତି । ଅନେକ ଥର ଓଟିପି ବା ପାସ୍‌ୱର୍ଡର ସୂଚନା ସ୍ୱେଶାଲ୍ ଇଂଜିନିୟରିଂ ମାଧ୍ୟମରେ ହାସଲ କରି ନେଇଥାଆନ୍ତି । ଡିଜିଟାଲ୍ ପେମେଣ୍ଟର ଦ୍ରୁତ ବ୍ୟବହାର ସହିତ ବିପଦ ଆହୁରି ଗମ୍ଭୀର ହୋଇଯାଉଛି ।




## ସୋସିଆଲ୍ ମିଡିଆର ଦାୟିତ୍ୱ

ସୋସିଆଲ୍ ମିଡିଆ ପ୍ଲାଟଫର୍ମରେ ଡିପ୍‌ଫେକ୍‌କୁ ପ୍ରତିବନ୍ଧକ ଲଗାଇବାରେ ସଫଳତା ମିଳି ନାହିଁ । ଏଆଇ ଦ୍ୱାରା ତିଆରି ନକଲି ଭିଡିଓ ଏବଂ କଣ୍ଟେଣ୍ଟ ମାତ୍ର କେଇ ମିନିଟ୍ ଭିତରେ ଲକ୍ଷ ଲକ୍ଷ ଲୋକଙ୍କ ପାଖରେ ପହଞ୍ଚି ଯାଇପାରୁଛି । ଯେତେବେଳେ ସୋସିଆଲ୍ ମିଡିଆରୁ ଡିପ୍‌ଫେକ୍ ଭିଡିଓକୁ ହଟାଯାଉଛି, ସେତେବେଳକୁ ଅନେକ କ୍ଷତି କରିସାରିଥିବ । ତେଣୁ ଟେକ୍ କମ୍ପାନିଗୁଡ଼ିକର ଦାୟିତ୍ୱବୋଧ ବଢ଼ିବାରେ ଲାଗିଛି । ସେଥିପାଇଁ ଏଆଇ ଆଧାରିତ ସୁରକ୍ଷା ପଦ୍ଧତିଗୁଡ଼ିକକୁ ଆହୁରି ସଶକ୍ତ କରିବାର ଆବଶ୍ୟକତା ରହିଛି ।

## ସକାରାତ୍ମକ ଉପଯୋଗ

ଡିପ୍‌ଫେକ୍ ଟେକ୍ନୋଲୋଜିକୁ ଉପଯୋଗ କରି ଫିଲ୍ମରେ ଭିଏଫ୍‌ଏକ୍ସ ଓ ସ୍ୱେଶାଲ୍ ଇଫେକ୍ଟକୁ ସହଜ କରାଯାଇଥାଏ । ଫିଲ୍ମରେ ବିପଦଜନକ ଷ୍ଟଣ୍ଟ ଦୃଶ୍ୟ ବା ମହଙ୍ଗା ଗ୍ରାଫିକ୍ସର ଖର୍ଚ୍ଚ ହ୍ରାସ ପାଇଁ ଡିପ୍‌ଫେକ୍‌ର ଉପଯୋଗ କରାଯାଇଥାଏ । ସେହିପରି ମୃତ ବା ବୃଦ୍ଧ କଳାକାରଙ୍କ ଯୁବକ ସମୟକୁ ପରଦାରେ ପ୍ରତିଫଳିତ କରିବା ପାଇଁ ଏହାର ପ୍ରୟୋଗ କରାଯାଇଥାଏ । ସେଭଳି କୌଣସି ଅଭିନେତାଙ୍କ ଓଠର ଭଙ୍ଗୀ ପରିବର୍ତ୍ତନ କରି ଫିଲ୍ମରେ ବିନା ସ୍ୱରରେ ଅନ୍ୟ ଭାଷାରେ ରି-କ୍ରିଏଟ୍ କରାଯାଇଥାଏ । ମୃତ ପ୍ରସିଦ୍ଧ କଳାକାରଙ୍କୁ ଦ୍ୱିତୀୟ ଥର ପରଦାକୁ ଆଣିବା, ଶିକ୍ଷା କ୍ଷେତ୍ରରେ ଆକର୍ଷଣୀୟ ପାଠ୍ୟ ସାମଗ୍ରୀ ତିଆରି କରିବା, ବିଭିନ୍ନ ଦେଶରେ ଅନୁବାଦ ମାଧ୍ୟମରେ ସ୍ଥାନୀୟ ଭାଷାରେ ପ୍ରକାଶ କରିବା ଆଦି ସକାରାତ୍ମକ କାର୍ଯ୍ୟରେ ଡିପ୍‌ଫେକ୍‌କୁ ବ୍ୟବହାର କରାଯାଇଥାଏ । ସେହିପରି ଯେ କୌଣସି ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଡିଜିଟାଲ ରୂପ ତିଆରି କରି ଛାତ୍ରଛାତ୍ରୀମାନଙ୍କୁ ଜୀବନ୍ତ ଭାବରେ ଶିକ୍ଷାଦାନ ପାଇଁ ଉପଯୋଗ କରାଯାଇଥାଏ । ଜଟିଳ ବିଷୟ ସରଳ ଓ ମନୋରଞ୍ଜନ ଭିଡିଓ ମାଧ୍ୟମରେ ବୁଝିବା ସହଜ ହୋଇଥାଏ । ଏହା ବ୍ୟତୀତ ଡିପ୍‌ଫେକ୍‌କୁ ବ୍ୟବସାୟ କ୍ଷେତ୍ରରେ ସକାରାତ୍ମକ ଭାବେ ଉପଯୋଗ କରାଯାଇପାରେ । ଗୋଟିଏ ବିଜ୍ଞାପନରେ ମଡେଲଙ୍କ ଚେହେରା ଓ କଣ୍ଠସ୍ୱରକୁ ବଦଳାଇ ବିଭିନ୍ନ ଦେଶର ଭାଷାରେ ଅନୁବାଦ କରି ପ୍ରସାରଣ କରାଯାଇପାରେ ।





ଆଗାମୀ ଦିନରେ ଡିଜିଟାଲ୍ ଦୁନିଆରେ ସବୁଠାରୁ ବଡ଼ ଆହ୍ୱାନ ହେଉଛି ନୂଆ ଟେକ୍ନୋଲୋଜି ତିଆରି କରିବା ନୁହେଁ, ବରଂ ଲୋକଙ୍କ ବିଶ୍ୱାସ ବଜାୟ ରଖିବାକୁ ପଡ଼ିବ । ଯଦି ଡିଜିଟାଲ୍ ପ୍ଲାଟଫର୍ମ ସୁରକ୍ଷିତ ଏବଂ ବିଶ୍ୱସନୀୟତା ନରଖେ, ତେବେ ଟେକ୍ନୋଲୋଜିର ଲାଭ ମଧ୍ୟ ସୀମିତ ହୋଇଯିବ । ଏଥିପାଇଁ ସରକାର, ଟେକ୍ କମ୍ପାନି ଏବଂ ସାଧାରଣ ଜନତାଙ୍କୁ ମିଶି ବିପଦର ସାମ୍ନା କରିବାକୁ ପଡ଼ିବ । ଡିପ୍‌ଫେକ୍‌ରୁ ସୁରକ୍ଷିତ ରହିବା ପାଇଁ ସତର୍କତା ଅତ୍ୟନ୍ତ ଜରୁରି । ■




# ଡିପ୍‌ଫେକ୍ ଫଟୋ ଓ ଭିଡିଓ କେମିତି କରିବେ ଚିହ୍ନଟ

ବର୍ତ୍ତମାନ କୃତ୍ରିମ ବୁଦ୍ଧିମତ୍ତା ଲୋକଙ୍କ ଜୀବନକୁ ସହଜ ଓ ସରଳ କରିଛି । ଏହାସହିତ ଏନେଇ ବିପଦ ମଧ୍ୟ ବୃଦ୍ଧି ପାଇଛି । ଡିପ୍‌ଫେକ୍ ଟେକ୍ନିକ୍ ଯୋଗୁଁ ଯେକୌଣସି ବ୍ୟକ୍ତିଙ୍କ ସ୍ୱର, ମୁହଁ, ହାବଭାବକୁ ମିଛ ଫଟୋ ଓ ଭିଡିଓ ଭାବେ ତିଆରି କରାଯାଇପାରିବ । ଯଦ୍ୱାରା ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଅନେକ ଭିଡିଓରୁ ସତ ଓ ମିଛ କରିବା କଷ୍ଟକର ହୋଇପଡ଼ିଛି । ତେଣୁ ଏନେଇ ଲୋକଙ୍କୁ ସତର୍କ ରହି ନକଲି କଣ୍ଟେଣ୍ଟକୁ ଚିହ୍ନଟ କରିବା ଶିଖିବା ଦରକାର ।




## ଅସମ୍ଭବ ନୁହେଁ ନକଲି ଭିଡିଓ ଚିହ୍ନିବା

ଡିପ୍‌ଫେକ୍ ଏମିତି ଏକ ଏଆଇ ଟେକ୍ନିକ୍ ଯେଉଁଥିରେ, ମେସିନ ଲର୍ଣ୍ଣିଂ ମଡେଲ୍, ପ୍ରକୃତ ବ୍ୟକ୍ତିଙ୍କ ମୁହଁ ଓ କଣ୍ଠ ସ୍ୱରର ନକଲ କରି ନକଲି ଭିଡିଓ ଏବଂ ଅଡିଓ ତିଆରି କରେ । ଏହାର ବ୍ୟବହାର ମନୋରଞ୍ଜନ, ରାଜନୈତିକ ପ୍ରଚାର, ସାଇବର ଠକେଇରେ କରାଯାଏ । ଅନେକ ସମୟରେ ଲୋକେ କିଛି ପରୀକ୍ଷା କିମ୍ବା ତଦନ୍ତ ନ କରି ଏଭଳି ଭିଡିଓକୁ ଭରସା କରନ୍ତି । ଫଳରେ ଗୁଜବ ଓ ମିଛ ଖବର ପ୍ରଚାର ହୋଇଥାଏ । ତେବେ ଡିପ୍‌ଫେକ୍ ଭିଡିଓ ବାସ୍ତବିକ ଲାଗିଲେ ବି ଏହାକୁ ଚିହ୍ନଟ କରିବା ଅସମ୍ଭବ ନୁହେଁ । ଏହାକୁ ଚିହ୍ନିବା ପାଇଁ ପ୍ରଥମେ ଡିପ୍‌ଫେକ୍‌ରୁ ତିଆରି ଫଟୋ ଓ ଭିଡିଓକୁ ଧ୍ୟାନର ସହକାରେ ଦେଖିବାକୁ ପଡ଼ିବ ।

## ମୁହଁ ଓ ହାବ ଭାବ ଉପରେ ଗୁରୁତ୍ୱ

ସାଧାରଣତଃ ନକଲି ଭିଡିଓରେ ମୁହଁର ହାବଭାବ ଅସାମାନ୍ୟ ଲାଗିଥାଏ । ଆଖି ପଲକ ପଡ଼ିବା କମ୍ ତଥା ବେଶି ହୋଇପାରେ । ଓଠ ସହିତ ସ୍ୱର ମେଳ ଖାଇ ନ ଥାଏ । ମୁହଁ ହାଲକା ଝାପ୍‌ସା ଦିଶିପାରେ । ଏଭଳି ଭିଡିଓକୁ ଯଦି ଧ୍ୟାନର ସହକାରେ ଦେଖାଯାଏ, ତେବେ ତ୍ୱଚା ରଙ୍ଗରେ ବି ଫରକ୍ ନଜର ଆସିଥାଏ ।

## କଣ୍ଠ ସ୍ୱରକୁ ଯାଞ୍ଚ କରିବା ଦରକାର

କୌଣସି ଚାଞ୍ଚଲ୍ୟକର ଭିଡିଓକୁ ଦେଖିବା ପରେ ତାହାକୁ ତୁରନ୍ତ ସେୟାର୍ କରିବା ପରିବର୍ତ୍ତେ ତା'ର ପ୍ରକୃତ ଉତ୍ସକୁ ପରୀକ୍ଷା କରିବା ଉଚିତ । ତାହା କୌଣସି ଭରସାଯୋଗ୍ୟ ନ୍ୟୁଜ୍ ପ୍ଲାଟଫର୍ମରୁ ଆସିଛି କି ନାହିଁ ପ୍ରଥମେ ଜାଣିବା ଦରକାର । ଗୁଗଲ ସର୍ଚ୍ଚ ତଥା ରିଭର୍ସ ଇମେଜ ସର୍ଚ୍ଚରୁ ଚିହ୍ନଟ କରାଯାଇପାରିବ ଯେ, ଏହି ଫଟୋ ପୂର୍ବରୁ କେଉଁଠି ବ୍ୟବହାର ହୋଇଛି କି ନାହିଁ ।

## ଏଆଇ ଡିଟେକସନ ଟୁଲ୍‌ର ସାହାଯ୍ୟ

ଆଜିର ସମୟରେ ଅନେକ ଅନ୍‌ଲାଇନ୍ ଟୁଲ୍ ଉପଲବ୍ଧ । ଯାହାକି ନକଲି ଫଟୋ ତଥା ଭିଡିଓକୁ ଚିହ୍ନଟ କରିବାରେ ସାହାଯ୍ୟ କରେ । ଏହି ଟୁଲ୍ ମେଟାଡାଟା, ପିକ୍ସଲ ପ୍ୟାଟର୍ଣ୍ଣ, ଏଡିଟିଂ ସଙ୍କେତର ପରୀକ୍ଷା କରେ । ଅବଶ୍ୟ ଏହା ମଧ୍ୟ ସମ୍ପୂର୍ଣ୍ଣ ସଠିକ୍ ହୋଇ ନ ଥାଏ । ତେବେ ପ୍ରାରମ୍ଭିକ ପର୍ଯ୍ୟାୟରେ ସନ୍ଦେହ ଦୂର କରିବା ଲାଗି ଏହା ସାହାଯ୍ୟକାରୀ ପ୍ରମାଣିତ ହୋଇପାରେ ବୋଲି କୁହାଯାଉଛି ।

## ସର୍ତକତା ଜରୁରି


ଡିପ୍‌ଫେକ୍ ଯୁଗରେ ସବୁଠୁ ବଡ଼ ଅସ୍ତ୍ର ହେଉଛି ଲୋକଙ୍କୁ ସତର୍କ ଓ ସଚେତନ ରହିବାର ଯଥେଷ୍ଟ ଆବଶ୍ୟକତା ଅଛି । କୌଣସି କଣ୍ଟେଣ୍ଟକୁ ଆଖି ବନ୍ଦ କରି ଭରସା କରିବା ଅନୁଚିତ । ସାବଧାନତା, ଠିକ୍ ଯାଞ୍ଚ, ଟେକ୍ନିକ୍‌କୁ ବୁଝିବା ଦ୍ୱାରା ନିଜକୁ ତଥା ଅନ୍ୟକୁ ଭୁଲ୍ ଖବରରୁ ରକ୍ଷା କରିପାରିବେ ।





# ଡିପ୍‌ଫେକ୍ ପାଇଁ ନୂଆ ନିୟମ

ଆଜିକାଲି ଏଆଇ ସାହାଯ୍ୟରେ ଯେକୌଣସି ବ୍ୟକ୍ତିଙ୍କର ନକଲି ଫଟୋ, ଭିଡିଓ ଓ କଣ୍ଠସ୍ୱର ତିଆରି କରିବା ଖୁବ୍ ସହଜ । ଏଭଳି ନକଲି କଣ୍ଟେଣ୍ଟ ବା ଡିପ୍‌ଫେକ୍‌ର ବ୍ୟବହାର ଲୋକଙ୍କୁ ବଦନାମ କରିବା, ଧୋକ୍କା ଦେବା, ଗୁଜବ ପ୍ରଚାର କରିବା ଓ ସାଇବର ଅପରାଧ ଦିଗରେ ପ୍ରୋତ୍ସାହିତ କରିଥାଏ । ଏହି ବିପଦକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏଆଇ ଦ୍ୱାରା ପ୍ରସ୍ତୁତ ବିଷୟବସ୍ତୁ ଉପରେ ନଜର ରଖିବା ପାଇଁ କଡ଼ା ପଦକ୍ଷେପ ଗ୍ରହଣ କରିଛନ୍ତି । ଏ ନେଇ କେନ୍ଦ୍ର ସରକାର ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଉପରେ କଡ଼ା ନିୟମ ଲାଗୁ କରିଛନ୍ତି ।




इलेक्ट्रॉनिकी एवं सूचना प्रौद्योगिकी मंत्रालय
MINISTRY OF ELECTRONICS AND INFORMATION TECHNOLOGY
सत्यमेव जयते

## ବାଧ୍ୟତାମୂଳକ ଲେବଲ୍ ରହିବ

ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରାଳୟ ୨୦୨୧ର ଆଇଟି ନିୟମକୁ ସଂଶୋଧନ କରାଯାଇଛି । ଯଦି କେହି ଏଆଇରୁ ଫଟୋ, ଭିଡିଓ, ଅଡିଓ ଓ ଅନ୍ୟ କଣ୍ଟେଣ୍ଟ ତିଆରି କରନ୍ତି ଏବଂ ତାହା ଆଇନଗତ ଭାବେ ସ୍ୱୀକାର୍ଯ୍ୟ ହୋଇଥିଲେ ସେଥିରେ ସ୍ପଷ୍ଟ ଭାବେ ଜଣାଇବାକୁ ହେବ ଯେ, ତାହା ଏଆଇ ଦ୍ୱାରା ପ୍ରସ୍ତୁତ । ଏଣୁ ନୂଆ ନିୟମ ଅନୁସାରେ, ଏଆଇ ଦ୍ୱାରା ପ୍ରସ୍ତୁତ ଅଡିଓ, ଭିଡିଓ, ଫଟୋ ତଥା ଟେକ୍ସଟକୁ ସିନ୍ଥେଟିକାଲି ଜେନେରେଡେଟ୍ ଇନ୍‌ଫରମେସନ୍ (ଏସ୍‌ଜିଆଇ) ଭାବେ ସ୍ପଷ୍ଟ ଲେବଲ୍ କରିବାକୁ ପଡ଼ିବ । ଏହାସହ କଣ୍ଟେଣ୍ଟ ଉତ୍ସ ଚିହ୍ନଟ ପାଇଁ ଟ୍ରେସେବଲ୍ ମେଟାଡାଟା ରଖିବା ଓ ବେଆଇନ ଏଆଇ କଣ୍ଟେଣ୍ଟର ପ୍ରସାର ରୋକିବାକୁ ପ୍ଲାଟଫର୍ମ ଗୁଡ଼ିକୁ ପ୍ରଯୁକ୍ତିଗତ ବ୍ୟବସ୍ଥା ଗ୍ରହଣ କରିବାକୁ ହେବ । ଏହାର ଉଦ୍ଦେଶ୍ୟ ଲୋକଙ୍କୁ ଠକାମିରୁ ରକ୍ଷା କରିବା । ସେହିପରି ଫେସ୍‌ବୁକ୍, ଏକ୍ସ, ୟୁଟ୍ୟୁବ୍, ଇନଷ୍ଟାଗ୍ରାମ୍ ପାଇଁ ଏହି ନୂଆ ନିୟମ ପ୍ରଯୁଜ୍ୟ ।

## ସମୟସୀମା ହ୍ରାସ

ସରକାର ସବୁଠୁ ବଡ଼ ପରିବର୍ତ୍ତନ କଣ୍ଟେଣ୍ଟ ହଟାଇବାର ସମୟସୀମା ଉପରେ କରିଛନ୍ତି । ଏଣିକି ୩ ଘଣ୍ଟାରେ ଅବୈଧ ପୋଷ୍ଟକୁ ହଟାଯିବ । କୌଣସି ଅବୈଧ କଣ୍ଟେଣ୍ଟ ହଟାଇବାର ସମୟସୀମା ପୂର୍ବରୁ ୩୬ ଘଣ୍ଟା ଥିଲା । ଏବେ ୩୬ ଘଣ୍ଟା ପରିବର୍ତ୍ତେ ୩ ଘଣ୍ଟା କରାଯାଇଛି । ୩ ଘଣ୍ଟା ମଧ୍ୟରେ ହିଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଡ଼ିବ । ସେହିପରି ବିନା ଅନୁମତିରେ ପ୍ରଚାରିତ ଅନ୍ତରଙ୍ଗ ଫଟୋ, ନଗ୍ନତା ତଥା ଛଦ୍ମବେଶ ସମ୍ପର୍କିତ କଣ୍ଟେଣ୍ଟକୁ ୨ ଘଣ୍ଟା ମଧ୍ୟରେ ହଟାଇବାକୁ ବାଧ୍ୟତାମୂଳକ କରାଯାଇଛି ।

## ଦାୟିତ୍ୱବୋଧକୁ ସୁନିଶ୍ଚିତ କରିବା

କେହି ଯଦି ନକଲି ଫଟୋ ଭିଡିଓ ଏବଂ କଣ୍ଠସ୍ୱର ତିଆରି କରି ସୋସିଆଲ୍ ମିଡିଆରେ ପୋଷ୍ଟ କରନ୍ତି, ତେବେ ସମ୍ବନ୍ଧିତ ସୋସିଆଲ୍ ମିଡିଆ ପ୍ଲାଟଫର୍ମରେ ଅଭିଯୋଗ କରିବାକୁ ହେବ । ସେହିପରି ପ୍ଲାଟଫର୍ମରେ ଅଭିଯୋଗର ସମାଧାନ ନ ହେଲେ ଗ୍ରାଇଭାନ୍ସ ଆପିଲେଟ୍ କମିଟିରେ ଅପିଲ କରିପାରିବେ । ଏହାବାଦ୍ ନ୍ୟାସନାଲ୍ ସାଇବର୍ କ୍ରାଇମ୍ ରିପୋର୍ଟିଂ ପୋର୍ଟାଲରେ ଅଭିଯୋଗ କରିପାରିବେ । ତା'ସହ ସାଇବର୍ ହେଲପ୍‌ଲାଇନରେ ଯୋଗାଯୋଗ କରିପାରିବେ । ଗମ୍ଭୀର ମାମଲାରେ ପୁଲିସରେ ଏଫ୍‌ଆଇଆର୍ ଦାଖଲ କରିପାରିବେ । ସରକାରଙ୍କ ଉଦ୍ଦେଶ୍ୟ ଏଆଇର ବିକାଶକୁ ରୋକିବା ନୁହେଁ, ବରଂ ଦାୟିତ୍ୱବୋଧକୁ ସୁନିଶ୍ଚିତ କରିବା । ଏ ଦିଗରେ ଇଣ୍ଡିଆ ଏଆଇ ମିଶନ ଅନୁସାରେ ଆଇଆଇଟି ଯୋଧପୁର, ଆଇଟି ମଦ୍ରାସ ଏବଂ ଆଇଟି ଖଡ଼ଗପୁର ଭଳି ସଂସ୍ଥାନରେ ଡିପଫେକ୍ ଚିହ୍ନଟ କରିବା ଟେକ୍ନିକ ଉପରେ କାମ କରାଯାଉଛି ।

## ଆଇନଗତ କାର୍ଯ୍ୟାନୁଷ୍ଠାନ

ସରକାର ସୋସିଆଲ୍ ମିଡିଆ କମ୍ପାନିକୁ କହିଛନ୍ତି, ଏଆଇ ଓ ଅନ୍ୟ ଟେକ୍ନିକ୍ ଟୁଲ୍ ସାହାଯ୍ୟରେ ଏଭଳି କଣ୍ଟେଣ୍ଟକୁ ଚିହ୍ନଟ କରି ଏସବୁକୁ ରୋକିବାକୁ ଚେଷ୍ଟା କରିବାକୁ ହେବ । ଏହାସହ ବ୍ୟବହାରକାରୀଙ୍କୁ ଏକଥା ଜଣାଇବାକୁ ହେବ ଯେ, ଅବୈଧ ପୋଷ୍ଟ ଉପରେ ଆକାଉଣ୍ଟ ହଟାଯିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ । ତେବେ କୌଣସି ସୋସିଆଲ୍ ମିଡିଆ କମ୍ପାନି ଆଇଟି ନିୟମର ପାଳନ ନ କଲେ, ଆଇଟି ଆକ୍ଟ ଧାରା ୭୯ ଅନୁସାରେ ମିଳୁଥିବା ଆଇନ ସୁରକ୍ଷା ହରାଇବାକୁ ପଡ଼ିପାରେ । ଏହା ପରେ କମ୍ପାନି ବିରୋଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ସୁରକ୍ଷିତ ଡିଜିଟାଲ ପରିବେଶ

ଅନ୍ୟପଟେ ସୋସିଆଲ ମିଡିଆରେ କୌଣସି ଭିଡିଓ ଓ ଅଡିଓ ନେତା, ଅଭିନେତା ଓ ସାଧାରଣ ଲୋକଙ୍କର ହୋଇଥିଲେ ତାହାକୁ ତୁରନ୍ତ ସତ ଭାବିବା ଅନୁଚିତ । ସରକାରଙ୍କ କହିବା କଥା, ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି, ଅନ୍‌ଲାଇନ୍ ଠକେଇ, ବଦନାମୀ, ମିଛ ଖବର ପ୍ରଚାରକୁ ରୋକିବା । ତା'ସହ ସୁରକ୍ଷିତ ଓ ବିଶ୍ୱସନୀୟ ଡିଜିଟାଲ୍ ପରିବେଶ ସୃଷ୍ଟି କରିବା ।

# ବିପଜ୍ଜନକ ଡିପ୍‌ଫେକ୍



ଚୋରି କରି ନ ଥିବା ଲୋକକୁ ଚୋରି କରିବା କଥା କହିଲେ ତା'ର ଚିନ୍ତା ତଥା ସମସ୍ୟା ବଢ଼ିବା ସ୍ୱାଭାବିକ । ତେବେ ରୋଚକୀୟ ବିଷୟ ହେଉଛି, ଜଣକୁ ଚୋର ବୋଲି ପ୍ରମାଣିତ କରିବା ପାଇଁ କିଛି ଫଟୋ ହିଁ ଦରକାର ପଡ଼ିଥାଏ । ଅନ୍ୟ କାମ ଡିପ୍‌ଫେକ୍ ଟେକ୍ନୋଲୋଜି ମାଧ୍ୟମରେ ହୋଇଯାଏ । ଏହି ଟେକ୍ନୋଲୋଜି ଦ୍ୱାରା ଯେକୌଣସି ଭିଡିଓରେ କାହାର ବି ମୁହଁ ଲଗାଯାଇପାରେ । ତେଣୁ ଏହା ଯେ, କେତେ ବିପଦଜନକ ତାହା ଏଥିରୁ ସ୍ପଷ୍ଟ ଅନୁମେୟ ।

## ଡିପ୍‌ଫେକ୍‌ର କାର୍ଯ୍ୟ

ଆଖି, ନାକ, ଓଠ ହିଁ ଜଣକ ଚେହେରା ଅନ୍ୟ ଜଣକଠାରୁ ଅଲଗା କରିଥାଏ । ହେଲେ ଡିପ୍‌ଫେକ୍ ଟେକ୍ନୋଲୋଜିରେ ଏହି ଅଙ୍ଗ ଓ ତାର' ଗଠନକୁ ବୁଝି ଭିଡିଓରେ ଦେଖାଯାଉଥିବା ଚେହେରାରେ ଲଗାଯାଏ । ଏହିପ୍ରକାରେ ସମସ୍ତ ହାବଭାବ ବାସ୍ତବିକ ଲାଗେ । ଏହାଦ୍ୱାରା ଜଣାପଡ଼େ ନାହିଁ ଯେ, ଭିଡିଓରେ ଦେଖାଯାଉଥିବା ମଣିଷର ମୁହଁକୁ ବଦଳାଇ ଦିଆଯାଇଛି । ମିଛ ଭିଡିଓରେ ଦେଖାଯାଉଥିବା ବ୍ୟକ୍ତିର ମୁହଁରୁ ଏମିତି କୁହାଯାଇପାରିବ, ଯାହା ସେ କେବେ ବି କହି ନ ଥିବେ । ତେବେ ଏହି ଟେକ୍ନୋଲୋଜିର ଠିକ୍ ବ୍ୟବହାର ଏଣ୍ଟରଟେନମେଣ୍ଟଠାରୁ ଆରମ୍ଭ କରି ଆର୍ଟ ଓ ଭିଡିଓ କଣ୍ଟେଣ୍ଟ ତିଆରି କରିବା ପାଇଁ ହୋଇଥାଏ ।




## ବଦ୍‌ନାମ କରିବାର କୌଶଳ

କୌଣସି ଘଟଣା ସତ ବୋଲି ମାନିବାର ସବୁଠୁ ବଡ଼ ପ୍ରମାଣ ହେଉଛି ତା'ର ଭିଡିଓ । ହେଲେ ଡିପ୍‌ଫେକ୍ ଭିଡିଓର ବିଶ୍ୱସନୀୟତାକୁ ବିପଦରେ ପକାଇଛି । କାରଣ ଏହା ମାଧ୍ୟମରେ କୌଣସି ବ୍ୟକ୍ତିଙ୍କୁ ଚୋରି କରିବା, କାହାକୁ ମାରିବା ଆଦି ଦେଖାଯାଇପାରିବ । ଏଭଳି ସ୍ଥିତିରେ ସୋସିଆଲ୍ ମିଡିଆରେ ଲୋକେ ଭିଡିଓ ଆଧାରରେ କାହାକୁ ବି ଖଳନାୟକ କରିପାରନ୍ତି । ଏ ଦୃଷ୍ଟିରୁ ଏକଥା କୁହାଯାଇପାରିବ ଯେ, ଡିପ୍‌ଫେକ୍ ଭିଡିଓ ଭର୍ଚୁଆଲ୍ ଆଟମ୍ ବମ୍‌ରୁ କମ୍ ନୁହେଁ । ଏହାବ୍ୟତୀତ ଡିପ୍‌ଫେକ୍ ମାଧ୍ୟମରେ ମୁହଁ ବଦଳାଇ ଫ୍ରଡ୍ କରିବାର ଅନେକ ମାମଲା ସାମ୍ନାକୁ ଆସୁଛି ।

## ସହଜ ଡିପ୍‌ଫେକ୍ ଭିଡିଓ ତିଆରି

ବର୍ତ୍ତମାନ ସମୟରେ ଡିପ୍‌ଫେକ୍ ଭିଡିଓ ତିଆରି କରିବା ଖୁବ୍ ସହଜ ହୋଇପଡ଼ିଛି । ଏହାକୁ ତିଆରି କରିବା ଲାଗି ମୁହଁର ଅଲଗା ଅଲଗା ହାବଭାବ ଯୁକ୍ତ ଅନେକ ଡାଟା ଏବଂ ଲମ୍ବା ଭିଡିଓ ଫୁଟେଜର ଆବଶ୍ୟକ ପଡ଼ିଥାଏ । ତେବେ ଏବେ କେବଳ କିଛି ଫଟୋ ଅପଲୋଡ୍ କରିବାରେ ହିଁ ଡିପ୍‌ଫେକ୍ ଭିଡିଓ ତିଆରି ହୋଇଯାଉଛି । ତା'ସହ କିଛି ସ୍ମାର୍ଟଫୋନ୍ ଆପ୍ ମଧ୍ୟ ଫଟୋ ବଦଳରେ ଡିପ୍‌ଫେକ୍ ଭିଡିଓ ତିଆରି କରନ୍ତି । ଅନେକ ଅନଲାଇନ୍ ଟୁଲ୍ ଡିପ୍‌ଫେକ୍ ମାଧ୍ୟମରେ ଅଶ୍ଳୀଳ ଭିଡିଓ ତିଆରି କରି ଲୋକଙ୍କୁ ବ୍ଲାକ୍‌ମେଲ୍ କରୁଛନ୍ତି ।



ଅନ୍ୟପଟେ ବିଶେଷଜ୍ଞଙ୍କ ଭୟ ଯେ, ଡିପ୍‌ଫେକ୍ ଯୋଗୁଁ ଆସନ୍ତା କିଛି ବର୍ଷ ମଧ୍ୟରେ ସତ ଓ ମିଛ ମଧ୍ୟରେ ଫରକ୍ ଚିହ୍ନଟ କରିବା କଷ୍ଟକର ହୋଇ ପଡ଼ିବ । ଏହି କାରଣ ଯୋଗୁଁ ସରକାର ମଧ୍ୟ ଏହାକୁ ନେଇ ଚିନ୍ତିତ । ତା'ସହ ସୋସିଆଲ ମିଡିଆ ପ୍ଲାଟଫର୍ମରୁ ଡିପ୍‌ଫେକ୍ ଭିଡିଓ ଉପରେ ରୋକ୍ ଲଗାଯାଇ ଏହାକୁ ତୁରନ୍ତ ବ୍ଲକ୍ କରିବାକୁ କୁହାଯାଉଛି । ଅନ୍ୟପଟେ ଡିପ୍‌ଫେକ୍ ଯୋଗୁଁ ଭର୍ଚୁଆଲ୍ ଦୁନିଆରେ ଆଖିରେ ଦେଖାଯାଉଥିବା ସବୁ ଜିନିଷ ସତ ନୁହେଁ ବୋଲି ଲୋକଙ୍କୁ ବିଶ୍ୱାସ କରିବା ପାଇଁ ସଚେତନ କରାଯାଉଛି ।




# ଡିପ୍‌ଫେକ୍
# ସତର୍କତା ଓ ସଚେତନତା

ଏଆଇ ବା କୃତ୍ରିମ ବୁଦ୍ଧିମତ୍ତା ଦୈନନ୍ଦିନ କାର୍ଯ୍ୟକୁ ସହଜ, ସରଳ କରୁଥିବାବେଳେ ଏହାର ଅନେକ ନକାରାତ୍ମକ ଦିଗ ମଧ୍ୟ ରହିଛି । ଏହାକୁ ଉପଯୋଗ କରି ଠକେଇ, ବ୍ୟକ୍ତିଗତ ତଥ୍ୟ ଲିକ୍, ସମ୍ମାନହାନୀ ଭଳି ଘଟଣାମାନ ପ୍ରତିଦିନ ସାମ୍ନାକୁ ଆସୁଛି । ଏବେ ଏକ ନୂଆ ବିପଦ ରୂପେ ଉଭା ହୋଇଛି 'ଡିପ୍ ଫେକ୍' । ଏହାଦ୍ୱାରା କୃତ୍ରିମ ବୁଦ୍ଧିମତାର ଅପବ୍ୟବହାର କରି ବିଶିଷ୍ଟ ବ୍ୟକ୍ତିମାନଙ୍କ ଫଟୋ, ଭିଡିଓ କିମ୍ବା କଣ୍ଠସ୍ୱରକୁ ବଦଳାଇ ନକଲି ତିଆରି କରାଯାଉଛି । ଏହା ଦେଖିବାକୁ ସତ ଭଳି ଲାଗୁଥିବାରୁ ଅନେକ ଲୋକେ ଭ୍ରମରେ ପଡ଼ି ଯାଉଛନ୍ତି । ତେଣୁ ସୋସିଆଲ୍ ମିଡିଆରେ ଦେଖୁଥିବା ଫଟୋ, ଭିଡିଓକୁ ତୁରନ୍ତ ବିଶ୍ୱାସ ନ କରିବା ଭଲ । ଖବରର ଉତ୍ସ, ଯାଞ୍ଚ ଏବଂ ସନ୍ଦେହଜନକ ବିଷୟବସ୍ତୁ ସେୟାର୍ ନ କରି ନିଜ ବ୍ୟକ୍ତିଗତ ତଥ୍ୟକୁ ସୁରକ୍ଷିତ ରଖିବା ହେଉଛି ଡିପ୍‌ଫେକ୍‌ରୁ ବଞ୍ଚିବାର ମୁଖ୍ୟ ଉପାୟ । ସଚେତନତା ଓ ସତର୍କତା ହିଁ ଏହି ନୂଆ ଡିଜିଟାଲ୍ ବିପଦରୁ ଆମକୁ ସୁରକ୍ଷିତ ରଖିପାରିବ ।

ଡିପ୍‌ଫେକ୍‌ରୁ ବର୍ତ୍ତିବା ପାଇଁ ପ୍ରଥମେ ଏହା କ'ଣ ଜାଣିବା ଏବଂ ବୁଝିବା ଆବଶ୍ୟକ । ଏଥିପାଇଁ କିଛି ଦିଗ ଉପରେ ବିଶେଷ ଧ୍ୟାନ ଦେବା ଜରୁରି । ଆବଶ୍ୟକତାଠୁ ଅଧିକ କ୍ଲିକ୍, ତ୍ୱଚାରେ କମ୍ କିମ୍ବା ଅଧିକ ଆଲୋକ ଏବଂ ଭାବଭଙ୍ଗୀରେ ପରିବର୍ତ୍ତନ, ଅଡିଓ ଭିଡିଓର କ୍ୱାଲିଟିରେ ପରିବର୍ତ୍ତନ ଲିପ୍‌ସିଙ୍ଗ୍‌ରେ ତାଳମେଳ ନ ଥିଲେ ଏହା ଡିପଫେକ୍ ବୋଲି ଜଣାଯାଏ ।





## ଆଡଭାନ୍‌ସ ସେଫ୍‌ଟି ସଫ୍ଟୱେୟାର୍

ଡିପ୍‌ଫେକ୍‌ରୁ ବର୍ତ୍ତିବା ପାଇଁ ଡିଭାଇସ୍‌ରେ ଆଣ୍ଟିଭାଇରସ୍ ଏବଂ ଆଣ୍ଟି ମେଲ୍‌ୱେୟାର୍ ସଫ୍ଟୱେୟାର୍ ଅପ୍‌ଲୋଡ୍ କରିବା ଆବଶ୍ୟକ । ଏହା ଫିସିଂ ଆଟାକ୍ ଏବଂ ସନ୍ଦିଗ୍ଧ ଲିଙ୍କ୍‌ରୁ ବର୍ତ୍ତିବାରେ ସହାୟକ ହୋଇଥାଏ । ନୂଆ ନୂଆ ଏଆଇ ସ୍କାମ୍ ବାବଦରେ ସଚେତନ ରହିବା ସହ ପରିବାର ଏବଂ ସାଙ୍ଗସାଥୀଙ୍କ ସହ ଏହା ସେୟାର କରିବା ଅତି ଗୁରୁତ୍ୱପୂର୍ଣ୍ଣ ।

## ବ୍ୟକ୍ତିଗତ ତଥ୍ୟକୁ ସୁରକ୍ଷିତ ରଖିବା ଆବଶ୍ୟକ

ସାମାଜିକ ଗଣମାଧ୍ୟମରେ ନିଜର ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଯଥା - ପାସ୍‌ପୋର୍ଟ, ଡ୍ରାଇଭିଂ ଲାଇସେନ୍ସ, ଆଧାର କାର୍ଡ କିମ୍ବା ପାନ୍‌କାର୍ଡ ଅପ୍‌ଲୋଡ କରନ୍ତୁ ନାହିଁ । ଏହାକୁ ଅପବ୍ୟବହାରରୁ ସୁରକ୍ଷିତ ରଖନ୍ତୁ । ଏଥିସହ ପ୍ରତ୍ୟେକ ଆକାଉଣ୍ଟର ପାସ୍‌ୱାର୍ଡକୁ ଅଲଗା ଅଲଗା କରି ସେଟିଂ କରନ୍ତୁ ।

## ଡିପ୍‌ଫେକ୍‌ର ଶିକାର ହେଲେ ରିପୋର୍ଟ

ଡିପ୍‌ଫେକ୍ ତଥା ନକଲି ଫଟୋ କିମ୍ବା ଭିଡିଓ ଦେଖିଲେ ତୁରନ୍ତ ଏ ବାବଦରେ ସାଇବର୍ କ୍ରାଇମ୍‌ରେ ରିପୋର୍ଟ କରିବା ଜରୁରି । ଏଥିସହ ଖରାପ କଣ୍ଟେଣ୍ଟକୁ ପ୍ଲାଟ୍‌ଫର୍ମରୁ କାଢ଼ିବା ପାଇଁ ପ୍ରୟାସ କରିବା ଆବଶ୍ୟକ ।

## ସାଇବର ବିଶେଷଜ୍ଞଙ୍କ ପରାମର୍ଶ

ଯଦି କୌଣସି ବ୍ୟକ୍ତି ଡିପ୍‌ଫେକ୍‌ର ଶିକାର ହୁଅନ୍ତି, ତେବେ ତୁରନ୍ତ ସାଇବର ସେଲ୍‌ରେ ଅଭିଯୋଗ କରିବା ଆବଶ୍ୟକ । ଏଇପାଇଁ କ'ଣ କରାଯିବା ଆବଶ୍ୟକ ସାଇବର ବିଶେଷଜ୍ଞଙ୍କ ପରାମର୍ଶ ନିଆଯାଇ ପାରେ । ଇନ୍ଦୋର ସାଇବର ସୁରକ୍ଷା ବିଶେଷଜ୍ଞଙ୍କ କହିବାନୁସାରେ ଠିକ୍ ସମୟରେ ଉଚିତ୍ ପଦକ୍ଷେପ ନେବା ଦ୍ୱାରା କଣ୍ଟେଣ୍ଟକୁ ହଟାଇବା ସହ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ । ବିଭିନ୍ନ ସାଇବର ସେଲ୍‌ରେ ଦୈନନ୍ଦିନ ଏପରି ଅନେକ ଫଟୋ ଭିଡିଓ ଜନିତ ବ୍ଲାକ୍‌ମେଲ୍ ଅଭିଯୋଗ ହେଉଛି । ଠିକ୍ ସମୟରେ ଅଭିଯୋଗ କରାଗଲା କଣ୍ଟେଣ୍ଟକୁ କାଢ଼ି ଦିଆଯାଇପାରିବ । ଏଥିପାଇଁ କିଛି ପ୍ରକ୍ରିୟା ରହିଛି ।

## ପ୍ରମାଣ ସଂଗ୍ରହ

କୌଣସି ଫଟୋ, ଭିଡିଓ କିମ୍ବା କଣ୍ଠ ସ୍ୱରକୁ ଅପବ୍ୟବହାର କରି ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରାଯାଇଥିଲେ ସର୍ବପ୍ରଥମେ ସେହି ପୋଷ୍ଟର ସ୍କ୍ରିନ୍‌ସଟ୍ ନିଅନ୍ତୁ । ଏଥିସହ ଲିଙ୍କ୍, ପ୍ରୋଫାଇଲ୍ ନାମ, ପୋଷ୍ଟର ସମୟ ଏବଂ ତାରିଖ ତଥ୍ୟ ରଖନ୍ତୁ । ଏହି ପ୍ରମାଣ ପୁଲିସ ଏବଂ ସାଇବର ସେଲ୍‌କୁ ଅପରାଧୀ ପାଖରେ ପହଞ୍ଚାଇବାରେ ସହାୟକ ହୋଇଥାଏ ।

## କେଉଁଠି ଅଭିଯୋଗ କରିବେ

ଜାତୀୟ ସାଇବର ଅପରାଧ ପୋର୍ଟାଲ www.cybercrime.gov.inରେ ଅନ୍‌ଲାଇନ୍‌ରେ ମଧ୍ୟ ଅଭିଯୋଗ କରିପାରିବେ । ଏଥିସହ ୧୯୩୦ ନମ୍ବରକୁ ତୁରନ୍ତ କଲ କରି ଫ୍ରଡ୍ କିମ୍ବା ଅପବ୍ୟବହାର ହୋଇଥିବା ସୂଚନା ଦେଇପାରିବେ । ଏଥିସହ ନିକଟସ୍ଥ ସାଇବର ଥାନା ଏବଂ ପୁଲିସ୍ ଷ୍ଟେସନ୍‌ରେ ମଧ୍ୟ ଲିଖିତ ଆକାରରେ ଅଭିଯୋଗ କରିପାରିବେ । ବିଶେଷ କରି ମହିଳା ଏବଂ ଶିଶୁ ଜଡ଼ିତ ମାମଲା ଅଭିଯୋଗକୁ ପ୍ରାଥମିକତା ଦେବା ସହ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯା

## ସାମାଜିକ ଗଣମାଧ୍ୟମରେ ରିପୋର୍ଟ

ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍ ଏବଂ ୟୁଟ୍ୟୁବ୍ ଭଳି ପ୍ଲାଟ୍‌ଫର୍ମରେ ରିପୋର୍ଟ ଏବଂ ଆବ୍ୟୁଜ୍‌ର ବିକଳ୍ପ ଥାଏ । ବ୍ୟବହାରକାରୀ ସେହି ପୋଷ୍ଟକୁ ରିପୋର୍ଟ କରି ଫଟୋ ଏବଂ ଭିଡିଓ ନକଲି ବୋଲି କହିପାରିବେ । ଅନେକ ମାମଲାରେ ଯାଞ୍ଚ ପରେ ପ୍ଲାଟ୍‌ଫର୍ମ ନିଜେ ଏହି କଣ୍ଟେଣ୍ଟକୁ କାଢ଼ି ଦିଏ । ଅଭିଯୋଗ ଆଧାରରେ ପ୍ରମାଣ ପତ୍ର ଠିକ୍ ଥିଲେ କିଛି ଘଣ୍ଟା କିମ୍ବା କିଛିଦିନ ମଧ୍ୟରେ କଣ୍ଟେଣ୍ଟ କଢ଼ା ଯାଇପାରିବ ।

## ପୁଲିସ୍ ପରାମର୍ଶ

ଅଜଣା ଲିଙ୍କ୍ କିମ୍ବା ମେସେଜ୍‌ର ତୁରନ୍ତ ପ୍ରତିକ୍ରିୟା ଦିଅନ୍ତୁନି । ନିଜର ବ୍ୟକ୍ତିଗତ ଫଟୋ ଏବଂ ଭିଡିଓ ସୀମିତ ଲୋକଙ୍କ ମଧ୍ୟରେ ରଖିବା ଭଲ । ଏଥିସହ କୌଣସି ପ୍ରକାର ବ୍ଲାକ୍‌ମେଲିଂର ଶିକାର ହେଲେ ତୁରନ୍ତ ଅଭିଯୋଗ କରନ୍ତୁ । ■

## ସୋସିଆଲ୍ ମିଡିଆ ପୋଷ୍ଟ ପ୍ରତି ସତର୍କ

ଡିପ୍‌ଫେକ୍‌ରୁ ବର୍ତ୍ତିବା ପାଇଁ ପ୍ରଥମେ ସାମାଜିକ ଗଣମାଧ୍ୟମରେ କ'ଣ ପୋଷ୍ଟ କରିଛନ୍ତି ବା କରୁଛନ୍ତି ସେଥିପ୍ରତି ଧ୍ୟାନ ଦେବା ଜରୁରି । ଏଥିସହ ବ୍ୟକ୍ତିଗତ ତଥ୍ୟ ସୋସିଆଲ୍ ମିଡିଆରେ ପୋଷ୍ଟ କରିବାରୁ ଯଥା ସମ୍ଭବ ସତର୍କ ରହିବା ଆବଶ୍ୟକ । ସାଇବର ଅପରାଧୀମାନେ ସାମାଜିକ ଗଣମାଧ୍ୟମରୁ ହିଁ ଅଧିକ ତଥ୍ୟ ଚୋରି କରିଥାନ୍ତି । ଏଣୁ ଗୋପନୀୟତା ସେଟିଂକୁ ମଝିରେ ମଝିରେ ତଦାରଖ କରିବା ଜରୁରି । ମନଇଚ୍ଛା ଆପ୍ ଇନ୍‌ଷ୍ଟଲ୍ କରୁଥିଲେ ଏହାର ନିୟମ ଏବଂ ସର୍ତ୍ତାବଳୀ ମଧ୍ୟ ପଢ଼ିବା ଆବଶ୍ୟକ । ଏହା ସହିତ ଉତ୍ତମମାନର ଫଟୋ, ଭିଡିଓ ଏବଂ ଅଡିଓ ସେୟାର୍‌ରୁ ଦୂରେଇ ରହିବା ଆବଶ୍ୟକ ।

## ୱାଟର୍‌ମାର୍କ ବ୍ୟବହାର

ସାମାଜିକ ଗଣମାଧ୍ୟମରେ ଫଟୋ, ଭିଡିଓ ସେୟାର କରୁଥିଲେ ଏହାକୁ ଯଥାସମ୍ଭବ ୱାର୍ଟର୍‌ମାର୍କ ଥାଇ ପୋଷ୍ଟ କରିବାକୁ ଚେଷ୍ଟା କରିବା ଆବଶ୍ୟକ । ଡିଜିଟାଲ୍ ୱାଟର୍‌ମାର୍କ ଡିପ୍‌ଫେକ୍‌ରୁ ସୁରକ୍ଷା ଦେବାରେ ସହାୟକ ହୋଇଥାଏ । ଏଥିରୁ ଫଟୋ ଭିଡିଓ ପ୍ରକୃତରେ କାହାର ତାହା ପ୍ରମାଣ କରିବା ସୁବିଧା ହୋଇଥାଏ । ଏଥିସହ କେହି ଦ୍ୱିତୀୟ ବ୍ୟକ୍ତି ଫଟୋ ଏବଂ ଭିଡିଓକୁ ସହଜରେ ଚୋରି କରିପାରିବେ ନାହିଁ ।

## ଟୁ - ଷ୍ଟେପ୍ ଭେରିଫିକେସନ୍

ସୋସିଆଲ୍ ମିଡିଆ ଆକାଉଣ୍ଟକୁ ସୁରକ୍ଷିତ କରିବା ପାଇଁ ଟୁ - ଷ୍ଟେପ୍ ଭେରିଫିକେସନ୍ ବ୍ୟବହାର କରିବା ଜରୁରି । ଏହା ଆକାଉଣ୍ଟକୁ ଅଧିକ ସୁରକ୍ଷିତ କରିଥାଏ । ଏହା ପାର୍ସୱାର୍ଡ ଚୋରିରୁ ସୁରକ୍ଷା ଦେବା ସହ ଅନଧିକୃତ ଲଗ୍‌ଇନ୍‌କୁ ରୋକିଥାଏ । ଏଥିସହ ଠକେଇ ଭିତ୍ତିକ କାର୍ଯ୍ୟକଳାପରୁ ସୁରକ୍ଷା ଦେଇଥାଏ ।

ଟେକ୍ନିକ୍ ପ୍ରଗତି ସହିତ ଦ୍ରୁତ ଗତିରେ ବିକଶିତ ହେଉଛି ଡିପ୍ ଫେକ୍ ଟେକ୍ନିକ୍ । ଡିପ୍‌ଫେକ୍ ଏମିତି ଏକ ଟେକ୍ନିକ୍, ଯେଉଁଥିରେ କୃତ୍ରିମ ବୁଦ୍ଧିମତା ଏବଂ ମେସିନ ଲର୍ଣ୍ଣିଂର ଉପଯୋଗ କରାଯାଇ ଫଟୋ, ଭିଡିଓ ଏବଂ ଅଡିଓକୁ ଏଭଳି ଭାବେ ପରିବର୍ତ୍ତନ କରାଯାଏ ଯେ, ଯେମିତି ତାହା ବାସ୍ତବିକ ଲାଗେ । ଗୋଟିଏ ପଟେ ଏହି ଟେକ୍ନିକ୍ ମନୋରଞ୍ଜନ ଓ କ୍ରିଏଟିଭ୍ ଇଣ୍ଡଷ୍ଟ୍ରି ଲାଗି ଉପଯୋଗୀ ପ୍ରମାଣିତ ହେଉଥିବା ବେଳେ ଅନ୍ୟପଟେ ଏହାର ଦୁରୁପଯୋଗ ମଧ୍ୟ କରାଯାଉଛି ।




# ମିଛ ଖବର ପ୍ରସାରଣର ମାଧ୍ୟମ

### ସାଇବର ଅପରାଧ ବୃଦ୍ଧି

ଡିପ୍‌ଫେକ୍ ଟେକ୍ନିକ୍‌ର ବଡ଼ ବିପଦ ହେଉଛି, ଏହାକୁ ଲୋକେ ଅସ୍ତ୍ର ଭାବେ ବ୍ୟବହାର କରୁଛନ୍ତି । ଏହି ଟେକ୍ନିକ୍‌ର ଉପଯୋଗ କରି କୌଣସି ବ୍ୟକ୍ତିଙ୍କ ବ୍ୟକ୍ତିତ୍ୱ ତଥା ଭିଡିଓକୁ ଆପତ୍ତିଜନକ ସାମଗ୍ରୀରେ ପରିଣତ କରିଦିଆଯାଏ । ବିଶେଷକରି ସୋସିଆଲ୍ ମିଡିଆ ପ୍ଲାଟଫର୍ମରେ ମହିଳାଙ୍କ ଫଟୋ ଓ ଭିଡିଓର ଦୁରୁପଯୋଗ ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଅନେକ ସମୟରେ ଏହାକୁ ବଦନାମୀ, ବ୍ଲାକ୍‌ମେଲ୍, ଭୁଲ୍ ତଥ୍ୟ ପ୍ରଚାର କରିବା ପାଇଁ ବ୍ୟବହାର କରାଯାଏ । ସେହିପରି ସାଇବର ଅପରାଧୀ ଡିପ୍‌ଫେକ୍‌ର ଉପଯୋଗ କରି ମିଛ ଭିଡିଓ ତିଆରି କରି କୌଣସି ବ୍ୟକ୍ତିଙ୍କ ପ୍ରତିଷ୍ଠାକୁ କ୍ଷତି ପହଞ୍ଚାନ୍ତି । ଏପରିକି ଅନେକ ମାମଲାରେ ରାଜନେତା ଓ ଲୋକପ୍ରିୟ ବ୍ୟକ୍ତିତ୍ୱଙ୍କ ବିରୋଧରେ ଏହାକୁ ବ୍ୟବହାର କରାଯାଏ । ଏହା ବ୍ୟତୀତ ଏହି ଟେକ୍ନିକ୍ ମିଛ ପରିଚୟ ତିଆରି କରିବାରେ ଉପଯୋଗୀ ହୋଇପାରେ ।

### ଠେଇର ନୂଆ ଉପାୟ

ଡିପ୍‌ଫେକ୍ ଟେକ୍ନିକ୍‌ର ଦୁରୁପଯୋଗ ସମାଜ ଉପରେ ଗଭୀର ପ୍ରଭାବ ପକାଉଛି । କୃତ୍ରିମ ଖବର ପ୍ରଚାର ପ୍ରସାର ଲାଗି ଡିପ୍‌ଫେକ୍ ଭଳି ଯେଉଁ କୃତ୍ରିମ ବୁଦ୍ଧିମତାର ଉପଯୋଗ କରାଯାଉଛି । ଏହା ଦ୍ୱାରା ପୂର୍ବରୁ ଥିବା ସମସ୍ୟା ଅଧିକ ଜଟିଳ ହୋଇଯାଉଛି । ମିଛ ଖବର ଯୋଗୁଁ ବିଶ୍ୱସ୍ତରୀୟ ଅର୍ଥବ୍ୟବସ୍ଥା ମଧ୍ୟ ପ୍ରଭାବିତ ହେଉଛି । ଅନ୍ୟପଟେ ନ୍ୟାୟ ପ୍ରଣାଳୀ ଉପରେ ବି ଡିପ୍‌ଫେକ୍ ଗଭୀର ପ୍ରଭାବ ପକାଉଛି । ସାକ୍ଷୀ ପ୍ରମାଣରେ ବି ଠକାମୀ ହେଉଛି । କେବଳ ସେତିକି ନୁହେଁ, କର୍ପୋରେଟ୍ ଜଗତ ମଧ୍ୟ ଡିପ୍‌ଟେକ୍ନୋଲୋଜିଠାରୁ ବାଦ୍ ପଡ଼ି ନାହିଁ । ଏକ ରିପୋର୍ଟ ଅନୁସାରେ ଡିପ୍‌ଫେକ୍ ଯୋଗୁଁ ହଂକଂର ଏକ କମ୍ପାନିକୁ ୨୮ ମିଲିୟନ ଡଲାରର କ୍ଷତି ସହିବାକୁ ପଡ଼ିଥିଲା । ଏହି ଠକେଇ ଡିପଫେକ୍ ଭିଡିଓ କନଫରେନ୍ସ କଲ୍ ମାଧ୍ୟମରେ ହୋଇଥିଲା । ଏ ଦୃଷ୍ଟିରୁ ବ୍ୟବସାୟୀଙ୍କୁ ନିଜ ପ୍ରତିଷ୍ଠା ରକ୍ଷା କରିବା ପାଇଁ ଲଗାତାର ନୂଆ ଆହ୍ୱାନକୁ ସାମ୍ନା କରିବାକୁ ପଡୁଛି । ତେଣୁ ଏହାର ଦୁରୁପଯୋଗରୁ ରକ୍ଷା ପାଇବା ଲାଗି ଲୋକଙ୍କୁ ଏହାର ଉଯୋଗ ସୀମିତ କରିବା ସହିତ ସତର୍କ ରହିବା ଖୁବ୍ ଜରୁରି । ■

# ଡିପ୍‌ଫେକ୍‌ର ସଦୁପଯୋଗ

ଅଧିକାଂଶ ବ୍ୟକ୍ତି ଡିପ୍‌ଫେକ୍ ଟେକ୍ନୋଲୋଜିର ଅପବ୍ୟବହାର କରୁଛନ୍ତି । ଫଳରେ ଡିପ୍‌ଫେକ୍ ଭିଡିଓ, ଫଟୋ ଓ କଣ୍ଠ ସ୍ୱର ସାମାଜିକ ବିଶୃଙ୍ଖଳା ସୃଷ୍ଟି କରୁଛି । ତେବେ ଏହାର ଅନେକ ସକାରାତ୍ମକ ଦିଗ ମଧ୍ୟ ରହିଛି । ବର୍ତ୍ତମାନ ଏହାର ସଦୁପଯୋଗ କରିବାର ସମୟ ଆସିଛି । ଶିକ୍ଷା, ସ୍ୱାସ୍ଥ୍ୟ, ମନୋରଞ୍ଜନ, ଫିଲ୍ମ, ଭାଷା ଅନୁବାଦ, ସାମାଜିକ ସଚେତନତା ଆଦି ବିଭିନ୍ନ କ୍ଷେତ୍ରରେ ଏହାର ସଦୁପଯୋଗ କରାଯାଇପାରିବ । ତେବେ ସକାରାତ୍ମକ ଅପେକ୍ଷା ନକାରାତ୍ମକ କାର୍ଯ୍ୟରେ ଏହାର ଉପଯୋଗ ଅଧିକ କରାଯାଉଛି । ଯଦି ଡିପ୍‌ଫେକ୍ ଟେକ୍ନୋଲୋଜିର ସଦୁପଯୋଗ କରାଯାଏ, ତେବେ ଏହା ମାନବ ସମାଜ ପାଇଁ ଶୁଭଙ୍କର ହେବ । କେଉଁ କେଉଁ କ୍ଷେତ୍ରରେ ଡିପ୍‌ଫେକ୍‌ର ସକାରାତ୍ମକ ଉପଯୋଗ କରାଯାଇପାରିବ, ତାକୁ ନେଇ ଏଇ ସ୍ୱତନ୍ତ୍ର ଉପସ୍ଥାପନା ।

## ଶିକ୍ଷା ଓ ଇତିହାସ

ଦେଶର ଇତିହାସ ଓ ଶିକ୍ଷା କ୍ଷେତ୍ରରେ ଡିପ୍‌ଫେକ୍ ଟେକ୍ନୋଲୋଜିର ବ୍ୟବହାର କରାଯାଇପାରିବ । ମୃତ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଭର୍ଚୁଆଲ୍ ମାଧ୍ୟମରେ ଜୀବିତ କରି ଛାତ୍ରଛାତ୍ରୀମାନଙ୍କୁ ତାଙ୍କ ଜୀବନ, ଇତିହାସ ସଂପର୍କରେ ତଥ୍ୟ ଓ ସୂଚନା ଦିଆଯାଇପାରିବ । ସେହିପରି ଇତିହାସ ପୁସ୍ତକର ପୃଷ୍ଠାକୁ ଜୀବନ୍ତ ଭିଡିଓରେ ରୂପାନ୍ତରିତ କରାଯାଇପାରେ । ସେଭଳି ବିଭିନ୍ନ ଭାଷାରେ ଶିକ୍ଷାଦାନ କରିପାରୁଥିବା ଡିଜିଟାଲ୍ ଶିକ୍ଷକ ତିଆରି କରାଯାଇପାରେ ।




## ଚିକିତ୍ସା ଓ ସ୍ୱାସ୍ଥ୍ୟସେବା

ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଡିପ୍‌ଫେକ୍‌ର ସଠିକ୍ ଉପଯୋଗ କରାଯାଇପାରିବ । କ୍ୟାନସର ଭଳି ମାରାତ୍ମକ ରୋଗରେ ପୀଡ଼ିତ ବ୍ୟକ୍ତି ଅନେକ ସମୟରେ ନିଜର କଣ୍ଠସ୍ୱର ହରାଇଥାଆନ୍ତି । ସେଭଳି ରୋଗୀଙ୍କ ପୁରୁଣା ରେକର୍ଡିଂକୁ ଉପଯୋଗ କରି ଡିଜିଟାଲ୍ ରୂପରେ ମୂଳ କଣ୍ଠସ୍ୱରକୁ ଫେରାଇ ଆଣି ହେବ । ସେହିପରି ଡାକ୍ତରମାନଙ୍କୁ ପ୍ରଶିକ୍ଷଣ ଦେବାକୁ ରୋଗୀମାନଙ୍କ ବିଭିନ୍ନ ଅଙ୍ଗର ଥ୍ରୀ-ଡି ନକଲି ଅଙ୍ଗ ତିଆରି କରାଯାଇପାରିବ ।

## ମନୋରଞ୍ଜନ ଓ ସିନେମା

ଡିପ୍‌ଫେକ୍ ଟେକ୍ନୋଲୋଜିକୁ ବିଶେଷ କରି ମନୋରଞ୍ଜନ ଓ ସିନେମା ଜଗତରେ ଡବିଂ ଓ ଅନୁବାଦ ପାଇଁ ବ୍ୟବହାର କରାଯାଇପାରିବ । ବିଦେଶୀ ଫିଲ୍ମର ଅଭିନେତାଙ୍କ ଓଠକୁ ସମାନ ଭାବରେ ମିଳାଇ ଆଞ୍ଚଳିକ ଭାଷା ଅନୁସାରେ ଡବିଂ କରାଯାଇପାରିବ । ଯାହା ଫଳରେ ଫିଲ୍ମଟି ବାସ୍ତବ ଲାଗିବ । ସେହିପରି ଅଭିନେତାଙ୍କ ବୟସକୁ କମ୍ କିମ୍ବା ଅଧିକ କରାଯାଇପାରିବ । ଅର୍ଥାତ୍ ବିନା କୌଣସି ମେକଅପ୍‌ରେ ଭିଏଫ୍‌ଏକ୍ସରେ ଯେ କୌଣସି ଅଭିନେତାଙ୍କୁ ଯୁବକ ବା ବୃଦ୍ଧ କରାଯାଇପାରିବ । ସେହିଭଳି ଫିଲ୍ମର ଷ୍ଟଣ୍ଟ ଦୃଶ୍ୟଗୁଡ଼ିକକୁ ଡିପ୍‌ଫେକ୍ ସହଯୋଗରେ ଅତି ସହଜ ଓ ସୁବିଧାରେ କରାଯାଇପାରିବ । ବିପଦଜନକ ଦୃଶ୍ୟରେ ଷ୍ଟଣ୍ଟମ୍ୟାନର ଚେହେରା ଉପରେ ଅଭିନେତାଙ୍କ ଚେହେରା ଲଗାଯାଇପାରିବ ।




## ଇ-କମର୍ସ ଓ ପାଇକାରୀ ବ୍ୟବସାୟ

ଗ୍ରାହକମାନେ ଅନ୍‌ଲାଇନ୍ ସପିଂ କରିବା ସମୟରେ ଡିଜିଟାଲ୍ ଅବତାରରେ ପୋଷାକ, ଚଷମା, ଟାଇ ଆଦି ପିନ୍ଧି ନିଜର ରୂପକୁ ଦେଖିପାରିବେ । ନିଜ ବ୍ରାଣ୍ଡର ପ୍ରଚାରପ୍ରସାର ପାଇଁ ମଡେଲ୍ ବା ଷ୍ଟୁଡିଓର ଆବଶ୍ୟକତା ନାହିଁ । ଜଣେ ମଡେଲର ମୁହଁକୁ ଅଲଗା ଅଲଗା ଦେଶର ବିଜ୍ଞାପନ ଅନୁସାରେ ବଦଳା ଯାଇପାରିବ । ଏହା ଦ୍ୱାରା ଅତି କମ୍ ଖର୍ଚ୍ଚରେ ଆକର୍ଷଣୀୟ ବିଜ୍ଞାପନ ତିଆରି ହୋଇପାରିବ ।

## ସାମାଜିକ ସଚେତନତା ଓ ଖେଳ

ମାନବାଧିକାର କାର୍ଯ୍ୟକର୍ତ୍ତା ବା ସାକ୍ଷୀଙ୍କ ସୁରକ୍ଷା ପାଇଁ ସେମାନଙ୍କ ପରିଚୟ (ମୁହଁ ଓ କଣ୍ଠସ୍ୱର)କୁ ବଦଳାଇ ସାକ୍ଷାତକାର ନିଆଯାଇପାରିବେ । ସେହିପରି ଖେଳାଳିମାନେ ଖେଳରେ ନିଜ ଭଳି ଥ୍ରୀ-ଡି ଚରିତ୍ର ତିଆରି କରିପାରିବେ । ଦେଖିବାକୁ ଅବିକଳ ନିଜ ଭଳି ଲାଗୁଥିବ । ସେହିପରି ବିଭିନ୍ନ ସାମାଜିକ ସଚେତନତା ପାଇଁ ଡିପ୍‌ଫେକ୍‌ର ବ୍ୟବହାର କରାଯାଇପାରିବ ।





ଡିପ୍ ଲର୍ଣ୍ଣିଂ ଟେକ୍ନୋଲୋଜିର ସକାରାତ୍ମକ ଉପଯୋଗ ବର୍ତ୍ତମାନ ସମାଜ ପାଇଁ ଆବଶ୍ୟକତା ରହିଛି । ଏହା ଦ୍ୱାରା ଲୋକେ ନିଶ୍ଚିତ ଭାବେ ଲାଭବାନ ହେବେ । ନିଜର ସୃଜନଶୀଳତା, କଳାତ୍ମକ ଅଭିବ୍ୟକ୍ତି ବୃଦ୍ଧି ଦିଗରେ ଡିପ୍‌ଫେକ୍ ସହାୟତା କରିବ । ସେହିପରି ଶାରୀରିକ ଓ ମାନସିକ ଭାବେ ଅକ୍ଷମ ବ୍ୟକ୍ତିଙ୍କୁ ନିଜ ଅନ୍‌ଲାଇନ୍ ଆବଶ୍ୟକତା ପାଇଁ କୃତ୍ରିମ ଚରିତ୍ରର ଉପଯୋଗ କରାଯାଇପାରିବ । ତେଣୁ ଡିଜିଟାଲ ଟେକ୍ନୋଲୋଜିର ଅପବ୍ୟବହାର ନକରି ମଣିଷ ଏହାର ସୃଜନଶୀଳତା ଉପରେ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକତା ରହିଛି । ■



# ନୀତି ଅନୀତି ରାଜନୀତି

ଶ୍ରୀବିଦୂର

## ଯୋଗୀଙ୍କ ପଥରେ ଗୋକୁଳାନନ୍ଦ



ଗୈରିକ ବସନଧାରୀ ଯୋଗୀ ରାଜ୍ୟରେ ଗାଈ କେବଳ ଏକ ଦୁଗ୍ଧଦାୟୀ ପ୍ରାଣୀ ନୁହେଁ; ଏକ ଚଳନ୍ତି କ୍ଷୁଦ୍ର ଶିଳ୍ପ । ଦୁଗ୍ଧ, ଗୋବର ପରେ ଏବେ ଗୋମୂତ୍ର ସିଧାସଳଖ ଅର୍ଥନୀତିରେ ପ୍ରବେଶ କରିଛି । ପଶୁମାଂସ ରପ୍ତାନୀରେ ଏହି ରାଜ୍ୟ ଦେଶରେ କେଉଁ ସ୍ଥାନରେ ଅଛି ଓ ଏହାକୁ ନେଇ ବିରୋଧୀ କ'ଣ କହୁଛନ୍ତି; ସେ ବିବାଦରେ ଆମେ ପଶୁନାହୁଁ । ତେବେ ଆମ ରାଜ୍ୟର ଗାଈଗୋରୁ ବିଭାଗର ମୁଖ୍ୟ ଗୋକୁଳାନନ୍ଦ କୁଆଡ଼େ ଯୋଗୀଙ୍କ ମଡ଼େଲରେ ପ୍ରଭାବିତ ହୋଇଥିବା ଭାରି ଚର୍ଚ୍ଚା ହେଉଛି । ଲୋକସେବା ଭବନର ଘନ କ୍ଷମତା ଅଳିନ୍ଦରେ ଚାଲିଥିବା ଚର୍ଚ୍ଚା ଅନୁସାରେ ଯୋଗୀ ରାଜ୍ୟ ଢାଞ୍ଚାରେ ଓଡ଼ିଶାରେ ମଧ୍ୟ ଗୋମୂତ୍ର ସଂଗ୍ରହ କରି ତାହାକୁ ପ୍ରାକୃତିକ କୀଟନାଶକ ଭାବେ ବ୍ୟବହାର କରିବାକୁ ଯୋଜନା ହେଉଛି । ଏ କଥା ବି ଶୁଣିବାକୁ ମିଳୁଛି ଯେ ଗଞ୍ଜାମ ଜିଲ୍ଲାରୁ ଏହି ପାଇଲଟ୍ ପ୍ରକଳ୍ପ ଆରମ୍ଭ ହେବ । ଲୋକଙ୍କ ଗୁହାଳକୁ ଗ୍ରାମୀଣ ବାୟୋ ଇକୋନୋମି ସେଣ୍ଟର ରୂପେ ପରିଣତ କରିବା ନିମନ୍ତେ ଗୋକୁଳାନନ୍ଦ ଯୋଜନା କରୁଛନ୍ତି । ସକାଳେ କ୍ଷୀର, ଦିନରେ ଗୋବର ଆଉ ରାତିରେ କୀଟନାଶକ କଞ୍ଚାମାଲ ଗୋମୂତ୍ର । ଗୋକୁଳାନନ୍ଦଙ୍କ ଗାଈ ସଉକ ଥିବା ସମସ୍ତେ ଜାଣନ୍ତି । କିଛି ମାସ ତଳେ ଦୁଇ ତିନି ଲକ୍ଷ ଟଙ୍କା ଦେଇ ହଳେ ପୋଙ୍ଗାନୁର ପ୍ରଜାତିର ଛୋଟ ଗାଈ ସେ କିଣିଥିବା ଗଣମାଧ୍ୟମରେ ପ୍ରଚାର ହୋଇଥିଲା । ଆଉ ବାବୁଙ୍କ ଗୋଶାଳାରୁ ଯଦି ଗୋମୂତ୍ର ପ୍ରକଳ୍ପ ଆରମ୍ଭ ହୁଏ, ତେବେ ଅସୁବିଧା କେଉଁଠି ? ହେଲେ ଏହି ପ୍ରୋଜେକ୍ଟ କିପରି କାର୍ଯ୍ୟକାରୀ ହେବ ତାହା କୁଆଡ଼େ ସ୍ଥିର ହୋଇପାରୁ ନାହିଁ । ■

## ସ୍କୁଲରେ ପାଠ ପଢ଼ିବେ ଷଣ୍ଢ



ଆମ ରାଜ୍ୟର ଶିକ୍ଷା ବ୍ୟବସ୍ଥାର ସ୍ଥିତି ବଡ଼ ବିଚିତ୍ର । ପିଲାଙ୍କ ପଢ଼ା ବହିରେ ଯାବତୀୟ ବିଭ୍ରାଟ । ଇଂରାଜୀ ବହିରେ ରଜ ଦୋଳି ଗୀତ ତ କେଉଁଠି ପୁଣି ନିମ୍ଭୁଡ଼ା ନିମ୍ଭୁଡ଼ା ସଙ୍ଗୀତ । ଆଉ ଛପା ହୋଇଥିବା ଛବି କଥା ନ କହିଲେ ଭଲ । ବ୍ରହ୍ମା ବିଳିବିଳେଇଲେ ଯେପରି ବେଦ, ସେମିତି ଶିକ୍ଷାମନ୍ତ୍ରୀ ଗଣ୍ଡ ସାର୍‌ଙ୍କ ତୁଣ୍ଡରୁ ଯାହା ବାହରିଲା- ତାହା ହେଉଛି ଶିକ୍ଷାନୀତି । ନୂଆ ବହିକୁ ନେଇ ହଇଚଇ ହେଲା; ପୁରୁଣା ବହିରେ ପାଠ ପଢ଼ାଇବା ଦାବି ମଧ୍ୟ ପୂରଣ ହେଲା ନାହିଁ । ଗଣ୍ଡ ସାର ପିଲାଙ୍କ ବହିରେ ତ୍ରୁଟି କଥା ମାନନ୍ତୁ ନ ମାନନ୍ତୁ, ମୁଖ୍ୟମନ୍ତ୍ରୀ ଏହି ଭୁଲକୁ ମାନିଲେ । ସ୍କୁଲ ପିଲାଙ୍କୁ ସଂଶୋଧିତ ବହି ମିଳୁନାହିଁ, ମାତ୍ର ଷଣ୍ଢଙ୍କ ପାଇଁ କଳାପଟା ଥିବା ଶ୍ରେଣୀଗୃହ ଉପଲବ୍ଧ କରାଯାଇଥିବା ଦେଖିବାକୁ ମିଳୁଛି । ପଢ଼ା ବହିରେ ତ୍ରୁଟି ବିଚ୍ୟୁତି ପାଇଁ ପିଲାମାନେ ତ ଆଉ ସ୍କୁଲକୁ ଯିବାକୁ ମନ କରୁନାହାନ୍ତି । ତେଣୁ ସ୍କୁଲ ଖାଲି ପଡ଼ିବ କାହିଁକି? ଭଦ୍ରକ ଜିଲ୍ଲାର ଏକ ଗାଁରେ ଲୋକମାନେ ଶ୍ରେଣୀଗୃହରେ ପଞ୍ଚେ ଷଣ୍ଢ ଭର୍ତ୍ତି କରିଦେଇଛନ୍ତି । ସେଠାରେ ଗ୍ରାମବାସୀ ପାଳିକରି ସେମାନଙ୍କୁ ନଡ଼ା ଓ ପାଣି ଉପଲବ୍ଧ କରୁଛନ୍ତି । ଶ୍ରେଣୀଗୃହରେ କଳାପଟା ଅଛି, ଆଉ ଛାତ ତଳେ ଷଣ୍ଢମାନଙ୍କ ରହିବା ବ୍ୟବସ୍ଥା । ସେହି ଅଞ୍ଚଳର ଜଣେ ମହିଳା ସୋସିଆଲ ମିଡ଼ିଆରେ ଏକ ଭିଡ଼ିଓ ପୋଷ୍ଟ କରିବା ପରେ ସ୍କୁଲ ଗୃହରେ ଷଣ୍ଢଆବାସର ଗୁମର ଖୋଲିଛି । ତେବେ ଗୋଟିଏ କଥା ଆମ ମଗଜରେ ପଶୁନାହିଁ; ସେହି ସ୍କୁଲରେ ଷଣ୍ଢମାନଙ୍କ ହାଜିରା କିଏ ନେବ? ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନା ପଶୁ ସମ୍ପଦ ବିଭାଗ ? ଏ କଥା ଦୁଇମନ୍ତ୍ରୀ ବସି ସ୍ଥିର କରିବା ଦରକାର । ■

## ନିମାପଡ଼ା ଭାଇନାଙ୍କ ଜ୍ଞାନୋଦୟ



ରାଜନୀତିରେ ଜ୍ଞାନୋଦୟର ଏକ ସମୟ ଥାଏ । କାହାର ନିର୍ବାଚନ ପୂର୍ବରୁ ଜ୍ଞାନୋଦୟ ହୁଏ ତ କାହାର ନିର୍ବାଚନ ପରେ । ନେଡ଼ି ଗୁଡ଼ କୋହୁଣୀକୁ ବୋହିଯିବା ପରେ ପ୍ରଖର ବିଦ୍ୱାନମାନଙ୍କର ଜ୍ଞାନୋଦୟ ହେଉଥିବା ବି ଚର୍ଚ୍ଚା ହୁଏ । ନିମାପଡ଼ାର ଭାଇନାଙ୍କ କ୍ଷେତ୍ରରେ ସମ୍ଭବତଃ ତୃତୀୟ ପ୍ରକାରର ଜ୍ଞାନୋଦୟ ହୋଇଥିବା ମନେ ହେଉଛି । ଯାହାକୁ ସିଏ ସମର୍ଥନ ଦେଇ ବିଧାୟକ କରିଥିଲେ, ସେ ଆଜି ଉପମୁଖ୍ୟମନ୍ତ୍ରୀ । ଶୁଣିବାକୁ ତ କଥାଟା ଭାରି ଭଲଲାଗୁଛି; କିନ୍ତୁ ଭାଇନାଙ୍କ ମନରେ ଆଣ୍ଟାର୍କାଟିକାର ବରଫ ପାହାଡ଼ ପରି ଯେଉଁ ଦୁଃଖ ଜମାଟ ବାନ୍ଧିଛି; ତାହା ତରଳିବାର ନାଁ ଧରୁନାହିଁ । ଭାଇନା ଏବେ ଯୁଆଡ଼େ ଯାଉଛନ୍ତି, ସେଠାରେ ସମାନ କଥା ବଖାଣୁଛନ୍ତି । ସାରା ରାଜ୍ୟରେ ବିକାଶ ଚାଲିଛି, ମାତ୍ର ତାଙ୍କ ସମର୍ଥନରେ ନିର୍ବାଚିତ ବିଧାୟକ ଉପମୁଖ୍ୟମନ୍ତ୍ରୀ ହେବା ପରେ ନିମାପଡ଼ାରେ କୁଆଡ଼େ କେବଳ ହରିଲୁଟର ବିକାଶ ପ୍ରବଳ ମାତ୍ରାରେ ହୋଇଛି । ଭାଇନାଙ୍କ କଥା ଶୁଣି ତାଙ୍କ ସମର୍ଥକ ବି ଭାରି ଦୁଃଖୀ । ଏହି କଥାଟି ଯଦି ଦି' ବର୍ଷ ପୂର୍ବରୁ ତାଙ୍କ ମୁଣ୍ଡକୁ ଆସିଥାଆନ୍ତା, ତେବେ କ'ଣ ଆଜି ଏତେ ବିଳାପ କରିବାକୁ ପଡୁଥାନ୍ତା? ରାଜନୀତିରେ କେହି କାହାରିକୁ ବାଟ ଛାଡ଼ନ୍ତି ନାହିଁ । ଥରେ ବାଟ ଛାଡ଼ିଲେ ଜୀବନ ସାରା ପସ୍ତାଇବା ସାର । ପୂର୍ବ ସରକାରରେ ଦି'ଥର ମନ୍ତ୍ରୀ , ତିନିଥର ବିଧାୟକ ହୋଇଥିବା ଭାଇନା ଏହି ସାଧାରଣ କଥାଟି କିପରି ବୁଝି ପାରିଲେ ନାହିଁ? ଭାଇନାଙ୍କ ପରି ଯେଉଁମାନେ ଅନ୍ୟକୁ ବାଟ ଛାଡ଼ି ଏପରି ଭୁଲ କରିଛନ୍ତି; ସମସ୍ତଙ୍କ ପାଇଁ ନିମାପଡ଼ା କେବଳ ଉଦାହରଣ ମାତ୍ର । ■

## ପୁରସ୍କାର ପାଇବେ ନୃପରାଜ!



କେଇମାସ ତଳେ ଏକ ସଭାରେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ପୂର୍ବ ସରକାରଙ୍କ ପ୍ରତି କଟାକ୍ଷ କରିଥିଲେ ଜଣେ ଜିଲ୍ଲାପାଳ । ସେତେବେଳେ କିଏ ତାଙ୍କୁ ସ୍ପଷ୍ଟବାଦୀ କହିଥିଲେ ତ କିଏ କହିଥିଲେ ନିର୍ଭୀକ । ମାତ୍ର ସେ ଦିନର ସେହି ନିର୍ଭୀକ ଅଧିକାରୀଙ୍କୁ ନେଇ ଏବେ ସାମାଜିକ ଗଣମାଧ୍ୟମ ବେଶ୍ ମୁଖର । ଅଗଷ୍ଟ ପନ୍ଦରରେ ପିତା-ପୁତ୍ରୀଙ୍କ ଫଟୋ ପ୍ରସଙ୍ଗ ଅତ୍ୟନ୍ତ ବ୍ୟକ୍ତିଗତ କଥା ଓ ଏ ସମ୍ପର୍କରେ କୌଣସି ନକରାତ୍ମକ ଟିପ୍ପଣୀ ଅତ୍ୟନ୍ତ ନିନ୍ଦନୀୟ । ମାତ୍ର କେଇମାସ ତଳେ ପୂର୍ବ ସରକାରଙ୍କ ସମାଲୋଚନା ପଛରେ ଯେଉଁ କାରଣଟି ଥିଲା, ତାହା ହେଉଛି ଅବସର ପରେ ଖାଦ୍ୟ କମିଶନ ପରି ଗୁରୁତ୍ୱପୂର୍ଣ୍ଣ ପଦର ଲୋଭ । ଏ କଥା ଆମେ କହୁନାହୁଁ, ସୋନପୁରର ଲୋକମାନେ ଏବେ ଏହା ହିଁ ଚର୍ଚ୍ଚା କରୁଛନ୍ତି । ଶୁଣିବା କଥା ହେଲା ଯେ, ଆଉ କେଇଟା ଦିନ ପରେ ଅଗଷ୍ଟ ୩୧ରେ ସୋନପୁର ଜିଲ୍ଲାପାଳ ନୃପରାଜ ବାବୁ ଅବସର ନେବେ । ଏହା ପୂର୍ବରୁ ସେ ଖାଦ୍ୟ କମିଶନ ପଦ ପାଇଁ ଆବେଦନ କରିଛନ୍ତି । ଆଉ ଯଦି ସେ ଏଥିପାଇଁ ସରକାରଙ୍କ ଦ୍ୱାରା ମନୋନୀତ ହୁଅନ୍ତି, ତେବେ ଆଶ୍ଚର୍ଯ୍ୟ ହେବାର ବି କିଛି ନାହିଁ । ରାଜନୈତିକ ବ୍ୟବସ୍ଥାରେ ଅବସର ପରେ ଅନେକ ବାବୁଙ୍କର କେବଳ ଚେୟାର ବଦଳିଥିବା ଆମେ ଦେଖିଛୁ, ମାତ୍ର ସୁବିଧା ସୁଯୋଗ ଅପରିବର୍ତ୍ତିତ ରହେ । କାହାକୁ ସମାଲୋଚନା ବା କାହାକୁ ପ୍ରଶଂସାର ପ୍ରତିଦାନରେ ଯଦି ରାଜଧାନୀରେ ଘର, ଗାଡ଼ି, ବଙ୍ଗଳା, ସହାୟକ ଓ ମାସକୁ ଲକ୍ଷଲକ୍ଷ ଟଙ୍କା ପାରିଶ୍ରମିକ ମିଳେ; ଏଥିରେ ଅସୁବିଧା କ'ଣ ? ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।

# ଡିପ୍‌ଫେକ୍ ଜାଲରେ ତାରକା



ଡିପ୍‌ଫେକ୍ ଏଆଇର ଅନ୍ୟ ଏକ ରୂପ । ଏହାକୁ ବ୍ୟବହାର କରି ଭରସାଯୋଗ୍ୟ ନକଲି ଫଟୋ, ଭିଡିଓ ଏବଂ କଣ୍ଠସ୍ୱର ତିଆରି କରାଯାଇଥାଏ । ଭୁଲ ତଥ୍ୟ, ମିଥ୍ୟା ଖବର ପ୍ରଚାରପ୍ରସାର ତଥା ଗୁଜବ ସୃଷ୍ଟି କରିବା ଡିପ୍‌ଫେକ୍‌ର ମୂଳ ଉଦ୍ଦେଶ୍ୟ । ତେବେ ବିଭିନ୍ନ କ୍ଷେତ୍ରରେ ଡିପ୍‌ଫେକ୍‌ର ଅପବ୍ୟବହାର କରାଯାଉଥିବାବେଳେ ଏଥିରୁ ବାଦ୍‌ପଡ଼ି ନାହାଁନ୍ତି ତାରକା । ଡିପ୍‌ଫେକ୍ ଟେକ୍ନୋଲୋଜି ମାଧ୍ୟମରେ ବଲିଉଡଠାରୁ ଆରମ୍ଭ କରି ଟଲିଉଡର ତାରକା, ଗୀତିକାରଙ୍କ ଫଟୋ ଓ ଭିଡିଓ ପ୍ରସ୍ତୁତ କରାଯାଉଛି । ରଶ୍ମିକା ମନ୍ଦାନା, କ୍ୟାଟ୍ରିନା କୈଫ୍, ଆଲିଆ, ନୋରା ଫତେହି, କାଜୋଲ, ଅକ୍ଷୟକୁମାର ପ୍ରମୁଖ ସେଲିବ୍ରିଟିମାନେ କିପରି ଡିପଫେକ୍ ଭିଡିଓର ଶିକାର ହୋଇଛନ୍ତି ତାହାକୁ ନେଇ ଏହି ସ୍ୱତନ୍ତ୍ର ଆଲେଖ୍ୟ ।




### କ୍ୟାଟ୍ରିନା କୈଫ୍

ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ ପରି ବଲିଉଡ୍‌ର ଲୋକପ୍ରିୟ ଅଭିନେତ୍ରୀ କ୍ୟାଟ୍ରିନା କୈଫ୍ ଡିପ୍‌ଫେକ୍ ଭିଡିଓର ଶିକାର ହୋଇଥିଲେ । କ୍ୟାଟ୍ରିନାଙ୍କ ଟାଇଗର-ଥ୍ରି ସିନେମାର ଏକ ଦୃଶ୍ୟକୁ ଡିପ୍‌ଫେକ୍ କରାଯାଇଥିଲା । ଉକ୍ତ ସିନେମାରେ କ୍ୟାଟ୍ରିନାଙ୍କ ଏକ ଟାୱେଲ ପିନ୍ଧିବାର ଦୃଶ୍ୟ ଥିବାବେଳେ ଡିପ୍‌ଫେକ୍ ଭିଡିଓରେ ତାଙ୍କୁ ଲୋ-କଟ୍ ହ୍ୱାଇଟ୍ ଟପ୍‌ରେ ଦେଖିବାକୁ ମିଳିଥିଲା । ତେବେ ସାମାଜିକ ଗଣମାଧ୍ୟମରେ କ୍ୟାଟ୍ରିନାଙ୍କ ଡିପ୍‌ଫେକ୍ ଭିଡିଓ ଭାଇରାଲ୍ ହେବା ପରେ ଏଆଇକୁ ନେଇ ଚିନ୍ତା ବଢ଼ିଥିଲା ।



### ରଶ୍ମିକା ମନ୍ଦାନା

୨୦୨୩ ନଭେମ୍ବରରେ ସାଉଥ୍ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ ଏକ ଡିପଫେକ୍ ଭିଡିଓ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ଏହି ଭିଡିଓକୁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଜରିଆରେ ନକଲି ଭାବେ ପ୍ରସ୍ତୁତ କରାଯାଇଥିଲା । ନକଲି ଭିଡିଓଟି ଏକ ଲିଫ୍ଟ ଭିତରର ଦୃଶ୍ୟ ଥିଲା । ଯେଉଁଥିରେ ବ୍ରିଟିଶ୍- ଭାରତୀୟ ଇନ୍‌ଫ୍ଲୁଏନ୍ସର ଜାରା ପଟେଲଙ୍କ ଶରୀର ସହିତ ରଶ୍ମିକା ମନ୍ଦାନାଙ୍କ ଚେହେରାକୁ ମିଶାଇ ଦିଆଯାଇଥିଲା । ଏହି ଡିପ୍‌ଫେକ୍ ଭାଇରାଲ୍ ହେବା ପରେ ରଶ୍ମିକା ଏହାକୁ ଅତ୍ୟନ୍ତ ଭୟାନକ କହିବା ସହ ଏଭଳି ପ୍ରଯୁକ୍ତିବିଦ୍ୟାର ଅପବ୍ୟବହାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ । ଅନ୍ୟପଟେ ଡିପଫେକ୍ ବିବାଦ କାରଣରୁ ଜାରା ଚର୍ଚ୍ଚାକୁ ଆସିବା ସହ ସେ ସୋସିଆଲ୍ ମିଡିଆରେ ଲେଖିଥିଲେ ଯେ, ଏଭଳି ଡିପ୍‌ଫେକ୍ ଭିଡିଓକୁ ନେଇ ସେ ମର୍ମାହତ ଓ ଦୁଃଖିତ । ତେବେ ପରବର୍ତ୍ତୀ ସମୟରେ ମାମଲା ରୁଜୁ କରି ଦିଲ୍ଲୀ ପୁଲିସ୍ ୨୦୨୪ରେ ଆନ୍ଧ୍ରପ୍ରଦେଶର ଜଣେ ୨୪ ବର୍ଷୀୟ ଯୁବକ ଇମାନୀ ନବୀନଙ୍କୁ ଗିରଫ କରିଥିଲେ । ତେବେ ଇନ୍‌ଷ୍ଟାଗ୍ରାମରେ ପ୍ରଶଂସକ ବଢ଼ାଇବା ପାଇଁ ଏହି ନକଲି ଭିଡିଓ ତିଆରି କରିଥିବା ନବୀନ ସ୍ୱୀକାର କରିଥିଲା ।




### ଅକ୍ଷୟ କୁମାର

ବଲିଉଡ ଅଭିନେତା ଅକ୍ଷୟ କୁମାର ମଧ୍ୟ ଡିପ୍‌ଫେକ୍‌ର ଶିକାର ହୋଇସାରିଛନ୍ତି । ସାମାଜିକ ଗଣମାଧ୍ୟମରେ ଅକ୍ଷୟଙ୍କର ଏକ ଡିପ୍‌ଫେକ୍ ଭିଡିଓ ଦ୍ରୁତଗତିରେ ଭାଇରାଲ୍ ହୋଇଥିଲା । ଭାଇରାଲ୍ ଭିଡିଓରେ ଅକ୍ଷୟ ଏକ ଗେମିଂ ଆପ୍‌ର ପ୍ରଚାର ଏବଂ ସମର୍ଥନ କରୁଥିବା ଦେଖାଯାଇଥିଲା । ଯେଉଁଥିରେ ଅକ୍ଷୟ ଏକ ଗେମିଂ ଆପ୍ଲିକେସନ୍‌କୁ ସମର୍ଥନ କରୁଥିବା ସହ ଏଥିରେ କହିଛନ୍ତି "କ'ଣ ଆପଣଙ୍କୁ ଖେଳିବାକୁ ପସନ୍ଦ ? ମୁଁ ଆପଣଙ୍କୁ ଏହି ଆପ୍ଲିକେସନ୍ ଡାଉନଲୋଡ୍ କରିବାକୁ ଉପଦେଶ ଦେଉଛି ଓ ଆଭିଏଟର୍ ଗେମ୍ ଖେଳନ୍ତୁ । ଏହା ସାରା ବିଶ୍ୱରେ ଏକ ଲୋକପ୍ରିୟ ସ୍ଲଟ୍ । ସମସ୍ତେ ଏହାକୁ ଖେଳୁଛନ୍ତି । ଏଠାରେ ଆମେ ଅନ୍ୟ ଖେଳାଳିଙ୍କ ବିପକ୍ଷରେ ଖେଳୁଛୁ ।" ତେବେ ଏହି ଭିଡିଓ ଭାଇରାଲ୍ ହେବା ପରେ ଏହାକୁ ନେଇ ଅକ୍ଷୟଙ୍କ ପ୍ରଶଂସକଙ୍କ ଭିତରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଅକ୍ଷୟଙ୍କ ପରିଚୟର ଅପବ୍ୟବହାର ହେତୁ ସେ ମଧ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ । ସେ ଏପରି କୌଣସି ପ୍ରକାରର ବିଜ୍ଞାପନ ସହିତ ଜଡ଼ିତ ନୁହଁନ୍ତି । ଭୁଲ୍ ଭିଡ଼ିଓରେ ତାଙ୍କ ପରିଚୟକୁ ଦୁରୁପଯୋଗ କରାଯାଉଥିବା ମତ ପ୍ରକାଶ କରିଥିଲେ । ତେଣୁ ଆଇନଗତ ଭାବେ ପଦକ୍ଷେପ ନେବାକୁ ତାଙ୍କ ଟିମ୍‌କୁ ନିର୍ଦ୍ଦେଶ ଦେଇଥିଲେ । ପରେ ପରେ ସେ ଏହି ଫେକ୍ ଭିଡିଓ ତିଆରି ଏବଂ ପ୍ରଚାର ପାଇଁ ସୋସିଆଲ୍ ମିଡିଆ ହ୍ୟାଣ୍ଡେଲ ଏବଂ କମ୍ପାନୀ ବିରୋଧରେ ଏକ ସାଇବର୍ ଅଭିଯୋଗ ଦାଖଲ କରିଥିଲେ ।




### ଜାଭେଦ ଅଖତର



ତାରକାଙ୍କ ପରି ଏଆଇର ଅପବ୍ୟବହାରର ଶିକାର ହୋଇଛନ୍ତି ଲୋକପ୍ରିୟ ଗୀତିକାର ଜାଭେଦ ଅଖତର । ତାଙ୍କର ଏକ ଟୋପି ପିନ୍ଧା ଫଟୋ ଭାଇରାଲ୍ ହୋଇଥିଲାବେଳେ ଏଥିରେ ଦାବି କରାଯାଇଛି ଯେ ଶେଷରେ ସେ ଆଲ୍ଲାଙ୍କ ରାସ୍ତାରେ ଚାଲିବା ଆରମ୍ଭ କରିଛନ୍ତି । ଏହି ଫଟୋ ଲୋକଙ୍କୁ ଭ୍ରମିତ କରିବା ସହ ସେମାନଙ୍କର ବିଶ୍ୱସନୀୟତା ଓ ପ୍ରତିଛବିକୁ ମଧ୍ୟ କ୍ଷତି ପହଞ୍ଚାଉଥିବାରୁ ଜାଭେଦ ଅଖତର ନିଜର ଅସନ୍ତୋଷ ପ୍ରକାଶ କରିବା ସହ ଡିପଫେକ୍ ଭିଡିଓ ତିଆରି କରୁଥିବା ନିର୍ମାତାଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଚେତାବନୀ ଦେଇଥିଲେ ।

### ରଣବୀର ସିଂହ

ଅଫ୍ ସ୍କ୍ରିନ୍ ହେଉ କିମ୍ବା ଅନ୍ ସ୍କ୍ରିନ୍ ଚମତ୍କାର ଅଭିନୟରେ ଦର୍ଶକଙ୍କ ମନ ଜିଣନ୍ତି ରଣବୀର ସିଂହ । ଦର୍ଶକଙ୍କ ମନୋରଞ୍ଜନ କରୁଥିବା ଏହି ଅଭିନେତାଙ୍କ ୨୦୨୪ ମସିହା ଅପ୍ରେଲ ମାସରେ ଏକ ଏଆଇ ଜେନେରେଟେଡ୍ ଡିପ୍‌ଫେକ୍ ଭିଡିଓ ଭାଇରାଲ ହୋଇଥିଲା । ଏହି ଭିଡିଓରେ ରଣବୀର ସିଂହ ରାଜନୈତିକ ମତାମତ ଦେଉଥିବାର ଦେଖିବାକୁ ମିଳୁଛି । ଭିଡିଓରେ ତାଙ୍କର ବାରାଣାସୀ ଯାତ୍ରାକୁ ଦର୍ଶାଯାଇଥିବାବେଳେ ଏଆଇ ଭଏସ୍ କ୍ଲୋନିଂ ଜରିଆରେ ସେ ବିଭିନ୍ନ ପ୍ରସଙ୍ଗକୁ ନେଇ ସରକାରଙ୍କୁ ସମାଲୋଚନା କରିଥିବା ଏବଂ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳକୁ ସମର୍ଥନ କରୁଥିବା ଦର୍ଶାଯାଇଥିଲା । ତେବେ ଏପରି ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେବା ପରେ ରଣବୀର ନିଜେ ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ କରି ଲୋକଙ୍କୁ ସତର୍କ କରାଇଥିଲେ । ମୁମ୍ବାଇ ପୁଲିସର ସାଇବର୍ କ୍ରାଇମ୍ ସେଲ୍‌ରେ ଏନେଇ ଏକ ଏଫ୍‌ଆଇଆର ରୁଜୁ କରାଯାଇଥିଲା ।



### ଅମୀର ଖାନ୍ ଓ ଅନୀଲ କପୁର

ବଲିଉଡ ଅଭିନେତା ଅମୀର ଖାନ୍ ମଧ୍ୟ ଡିପଫେକ୍ ବିବାଦରେ ଛନ୍ଦି ହୋଇଥିଲେ । ଏକ ନକଲି ଭିଡିଓରେ ସେ କୌଣସି ଏକ ରାଜନୈତିକ ଦଳକୁ ସମର୍ଥନ କରୁଥିବା ଦେଖାଯାଇଥିଲା । ଏହାପରେ ଅଭିନେତା ଜ ଣ କ ସ୍ପଷ୍ଟ କରିଥିଲେ ଯେ ସେ ତାଙ୍କ ଜୀବନରେ କୌଣସି ବି ରାଜନୈତିକ ଦଳକୁ ସମର୍ଥନ କରନ୍ତିନି । ତେବେ ଏଭଳି ଭ୍ରାନ୍ତ ତଥ୍ୟ ଦେଇ ଡିପ୍‌ଫେକ୍ ଭିଡିଓ ପ୍ରସ୍ତୁତ କରିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଏକ ଏଫ୍‌ଆଇଆର୍ ଦେଇଥିଲେ । ଅଭିନେତା ଅମୀରଙ୍କ ପରି ଅନୀଲ କପୁର ମଧ୍ୟ ନୂଆଦିଲ୍ଲୀର ଏକ ଅଦାଲତରେ ଏଆଇ ଦ୍ୱାରା ନିଜ ଚେହେରାର ଅପବ୍ୟବହାର ବିରୁଦ୍ଧରେ ଏକ ଗୁରୁତ୍ୱପୂର୍ଣ୍ଣ ଆଇନଗତ ବିଜୟ ହାସଲ କରିଥିଲେ । ବଲିଉଡର ଐଶ୍ୱର୍ଯ୍ୟା ରାୟ ବଚ୍ଚନ, ଅଭିଷେକ ବଚ୍ଚନ, ଅମିତାଭ ବଚ୍ଚନ, ଜ୍ୟାକି ଶ୍ରଫ୍, ସୁନୀଲ ସେଟ୍ଟୀ, କରନ ଜୋହର ପ୍ରମୁଖ ଅନେକ ନାମୀ ତାରକା ଡିପଫେକ୍‌ର ଶିକାର ହୋଇଥିଲେ । ■



## କେମିତି କଟିବ ସପ୍ତାହ

**ମେଷ** – ରବି, ସୋମବାରରେ ଆଶାବାଦୀ ଓ ଉତ୍ସାହିତ ରହିବେ । ମଙ୍ଗଳ, ବୁଧ, ଗୁରୁବାରରେ ବିବାଦୀୟ ସ୍ଥିତିରୁ ଦୂରେଇ ରୁହନ୍ତୁ । ଦାମ୍ପତ୍ୟ ଜୀବନରେ ଶାନ୍ତି ରହିବ । ଶୁକ୍ର,ଶନିବାରରେ ଅର୍ଥ ଆଗମନର ସୂଚନା ପାଇବେ । ନୂତନ ନିବେଶ ପାଇଁ ଅନୁଭବୀଙ୍କ ପରାମର୍ଶ ଲୋଡ଼ିବେ ।

**ବୃଷ** – ରବି,ସୋମବାରରେ ପରିଶ୍ରମ ମୁତାବକ ଫଳପ୍ରାପ୍ତି । ପରିବାର ସହ ଦୂରଯାତ୍ରା ଯୋଗ ରହିଛି । ମଙ୍ଗଳ, ବୁଧ,ଗୁରୁବାରରେ ଅବହେଳାର ଶିକାର ହେବେ । ଅତ୍ୟଧିକ କାର୍ଯ୍ୟ କରି ଅସୁସ୍ଥ ଅନୁଭବ କରିବେ । ଶୁକ୍ର, ଶନିବାରରେ ବନ୍ଧୁଙ୍କଠାରୁ ଆର୍ଥିକ ସହଯୋଗ ପାଇବେ ।

**ମିଥୁନ** – ରବି, ସୋମବାରରେ ସକାରାତ୍ମକ ଭାବନା ସହ କାର୍ଯ୍ୟ କରିବେ । ପ୍ରିୟଜନଙ୍କ କଥାକୁ ଗୁରୁତ୍ୱ ଦେବେ । ମଙ୍ଗଳ, ବୁଧ, ଗୁରୁବାରରେ କଠୋର ପରିଶ୍ରମ ଓ ଧୈର୍ଯ୍ୟ ଶକ୍ତି ପାଇଁ ସଫଳତା ପାଇବେ । ଶୁକ୍ର, ଶନିବାରରେ ଅନ୍ୟର କଥାରେ ମୁଣ୍ଡ ପୂରାନ୍ତୁ ନାହିଁ ।

**କର୍କଟ** – ରବି, ସୋମବାରରେ ଗୁରୁଜନଙ୍କ ଆଶୀର୍ବାଦ ଲାଭ କରିବେ । କର୍ମକ୍ଷେତ୍ରରେ ଦାୟିତ୍ୱ ଭାର ବଢ଼ିପାରେ । ମଙ୍ଗଳ, ବୁଧ, ଗୁରୁବାରରେ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି । ଶୁକ୍ର,ଶନିବାରରେ ଅଭାବ ଓ ଅସୁବିଧା ଦେଖାଦେଇପାରେ ।

**ସିଂହ** – ରବି,ସୋମବାରରେ ପାରିବାରିକ ସମ୍ପର୍କରେ ତିକ୍ତତା ଦେଖାଦେଇପାରେ । କର୍ମକ୍ଷେତ୍ରରେ ପଦୋନ୍ନତିର ସୁଯୋଗ ରହିଛି । ମଙ୍ଗଳ, ବୁଧ,ଗୁରୁବାରରେ ନୂତନ ନିବେଶ କରି ଲାଭାନ୍ୱିତ ହେବେ । ବ୍ୟବସାୟ ସମ୍ବନ୍ଧରେ ଦୂରଯାତ୍ରା କରିବେ । ଶୁକ୍ର,ଶନିବାରରେ ପୈତୃକ ସମ୍ପତ୍ତିରେ ଭାଗୀଦାରି ହେବେ ।

**କନ୍ୟା** – ରବି, ସୋମବାରରେ ନିଜ ପ୍ରତିଭାର ପ୍ରଦର୍ଶନ କରିବେ । ଦୀର୍ଘ ଦିନର ଯୋଜନାରେ ସଫଳତା ପାଇବେ । ମଙ୍ଗଳ, ବୁଧ, ଗୁରୁବାରରେ କାର୍ଯ୍ୟକ୍ଷେତ୍ରରେ ବରିଷ୍ଠ ବ୍ୟକ୍ତିଙ୍କ ସହଯୋଗ ପାଇବେ । ଶୁକ୍ର, ଶନିବାରରେ ସମାଜରେ ଉଚ୍ଚ ସମ୍ମାନର ଅଧିକାରୀ ହେବେ ।

**ତୁଳା** – ରବି,ସୋମବାରରେ ସାମାଜିକ ସମାବେଶରେ ଯୋଗଦାନ କରିପାରନ୍ତି । କର୍ମକ୍ଷେତ୍ରରେ ପ୍ରଶଂସାର ଅଧିକାରୀ ହେବେ । ମଙ୍ଗଳ, ବୁଧ, ଗୁରୁବାରରେ ପିଲାଙ୍କ ସ୍ୱାସ୍ଥ୍ୟ ଅବସ୍ଥାକୁ ନେଇ ଚିନ୍ତିତ ରହିବେ । ଶୁକ୍ର, ଶନିବାରରେ କୋର୍ଟକଚେରି ମାମଲାରେ ପଡ଼ିଯାଇପାରନ୍ତି ।

**ବିଛା** – ରବି, ସୋମବାରରେ ନିଜ ବ୍ୟବହାର ପାଇଁ ପ୍ରଶଂସିତ ହେବେ । କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇବେ । ମଙ୍ଗଳ, ବୁଧ, ଗୁରୁବାରରେ କୌଣସି କଥାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି । ଶୁକ୍ର,ଶନିବାରରେ ଅନୁଭବୀ ବ୍ୟକ୍ତିଙ୍କ ପରାମର୍ଶ ପାଇଁ ସଠିକ୍ ମାର୍ଗ ଅନୁସରଣ କରିବେ ।

**ଧନୁ** – ରବି, ସୋମବାରରେ ସାମାଜିକ କାର୍ଯ୍ୟରେ ରୁଚି ବଢ଼ିବ । ମଙ୍ଗଳ, ବୁଧ, ଗୁରୁବାରରେ କର୍ମକ୍ଷେତ୍ରରେ ବିବାଦୀୟ ସ୍ଥିତି ଦେଖାଦେଇ ପାରେ । ଅର୍ଥହାନି ଯୋଗ ରହିଛି । ଶୁକ୍ର,ଶନିବାରରେ ମନୋରଞ୍ଜନ କାର୍ଯ୍ୟରେ ମଜ୍ଜି ରହିବେ । ଛାତ୍ରଛାତ୍ରୀ ପରୀକ୍ଷାରେ ଭଲ ଫଳାଫଳ କରିବେ ।

**ମକର** – ରବି,ସୋମବାରରେ ବିଭିନ୍ନ କ୍ଷେତ୍ରରୁ ସାହାଯ୍ୟ ପାଇବେ । ପରିସ୍ଥିତି ଧୀରେ ଧୀରେ ଅନୁକୂଳ ହେବାକୁ ଲାଗିବ । ମଙ୍ଗଳ, ବୁଧ,ଗୁରୁବାରରେ ଆର୍ଥିକ କ୍ଷେତ୍ରରେ ସ୍ୱଚ୍ଛଳତା । ବ୍ୟବସାୟ ପ୍ରସାରିତ ହୋଇପାରେ । ଶୁକ୍ର,ଶନିବାରରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପ୍ରତି ଧ୍ୟାନ ଦେବେ ।

**କୁମ୍ଭ** – ରବି,ସୋମବାରରେ ଅନିଶ୍ଚିତ ଭବିଷ୍ୟତ ପାଇଁ ଅବସାଦରେ ରହିପାରନ୍ତି । ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ । ମଙ୍ଗଳ, ବୁଧ, ଗୁରୁବାରରେ ଗୁରୁଜନଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ରହିପାରନ୍ତି । ଶୁକ୍ର, ଶନିବାରରେ ଆର୍ଥିକ କ୍ଷେତ୍ରରେ ଅବନତି ପରିଲକ୍ଷିତ ହୋଇପାରେ ।

**ମୀନ** – ରବି, ସୋମବାରରେ ବ୍ୟସ୍ତତା ମଧ୍ୟରେ ରହିବେ । ପାରିବାରିକ ଦାୟିତ୍ୱ ବୃଦ୍ଧି ପାଇବାକୁ ଲାଗିବ । ମଙ୍ଗଳ, ବୁଧ, ଗୁରୁବାରରେ ନୂତନ ବ୍ୟବସାୟ ପାଇଁ ଆକୃଷ୍ଟ ହୋଇପାରନ୍ତି । ଶୁକ୍ର, ଶନିବାରରେ ଜୀବନସାଥୀଙ୍କ ସହଯୋଗ ପାଇବେ । ଛାତ୍ରଛାତ୍ରୀ ଲେଖାପଢ଼ାରେ ମନ ଲଗାଇବେ । ■